୬ ▶ ସଞ୍ଜୁ ସାମସନଙ୍କୁ ମିଳିଲା ୨୧ ଲକ୍ଷ ଟଙ୍କାର ପୁରସ୍କାର ରାଶି



ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର
32 YEARS
# ସମ୍ବାଦ କଳିକା
The Sambad Kalika
TM
e-paper www.sambadkalika.in
E-mail : sambadkalikanews@gmail.com
ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର
The only ISO Certified Odia Newspaper
NS-EN ISO 9001:2008
କର୍ମଣ୍ୟେ ବାଧିକାରସ୍ତେ ମା ଫଳେଷୁ କଦାଚନ
୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା
8 Pages, ₹2.00
● ବର୍ଷ–୩୩ ● ସଂଖ୍ୟା–୩୯ ● ୧୦ ମାର୍ଚ୍ଚ ୨୦୨୬ ମଙ୍ଗଳବାର ● ଭୁବନେଶ୍ୱର ● Vol -33 ● Issue-39 ● 10th March 2026, Tuesday ● Bhubaneswar
RNI Regd.No. : 52640/94 Postal Regd.No. : BN-60/25-27

## ଚାଷୀ ମୃତ୍ୟୁ ପ୍ରସଙ୍ଗ

# ଅନୁଧ୍ୟାନ କରି ବିଧାନସଭାରେ ବିବୃତି ରଖିବାକୁ ମନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଲେ ବାଚସ୍ପତି

## ମନ୍ତ୍ରୀ କହିଲେ ମିଥ୍ୟା କଥାକୁ ନେଇ ବିରୋଧୀ ଦଳ ଗୃହକୁ ବିଭ୍ରାନ୍ତ କରୁଛନ୍ତି

ଭୁବନେଶ୍ୱର, ୯ ।୩

ନ୍ୟୁଜ୍ ବ୍ୟୁରୋ

ସୋମବାର ବିଧାନସଭାର ଶୂନ୍ୟକାଳରେ ଚାଷୀମାନଙ୍କ ସମସ୍ୟା ବିଶେଷ କରି ରାଜନଗର ଅଞ୍ଚଳର ଚାଷୀ ତ୍ରିଲୋଚନ ନାୟକଙ୍କ ମୃତ୍ୟୁ ପ୍ରସଙ୍ଗ ଉଠାଇ ବିରୋଧୀ ଦଳ ପକ୍ଷରୁ ଏହାର ତଦନ୍ତ କରିବା ନିମନ୍ତେ ଦୃଢ ଦାବି ଉଠାଯାଇଥିଲା। ବିରୋଧୀ ଦଳ ମୁଖ୍ୟ ସଚେତକ ପ୍ରମିଳା ମଲ୍ଲିକ ଏହି ପ୍ରସଙ୍ଗ ଉଠାଇ ସରକାରଙ୍କ ଧାନକିଣା ପ୍ରକ୍ରିୟା ନେଇ ପ୍ରଶ୍ନ ଉଠାଇଥିଲେ। ଏହା ସହିତ ସେ ରାଜନଗର ଅଞ୍ଚଳର ଚାଷୀ ତ୍ରିଲୋଚନ ନାୟକଙ୍କ ମୃତ୍ୟୁକୁ ନେଇ ସରକାର କଣ ତଦନ୍ତ କରିଛନ୍ତି ତାର ରିପୋର୍ଟ ସହ ବିଭାଗୀୟ



ମନ୍ତ୍ରୀଙ୍କ ବିବୃତ୍ତି ଦାବି କରିଥିଲେ । ଏହି ପ୍ରସଙ୍ଗରେ ବାଚସ୍ପତି ସୁରମା ପାଢୀ ଅଭିଯୋଗ ସମ୍ପର୍କରେ ତଦନ୍ତ କରି ଚଳିତ ଅଧିବେଶନ କାଳରେ ଗୃହରେ ଉତ୍ତର ରଖିବାକୁ ବିଭାଗୀୟ ମନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ।

୮ ଦିନର ବିରତୀ ପରେ ସୋମବାର ବଜେଟ୍ ଅଧିବେଶନର ଦ୍ୱିତୀୟ ପର୍ଯ୍ୟାୟ ବୈଠକ ଆରମ୍ଭ ହୋଇଥିଲା। ପ୍ରଶ୍ନୋତ୍ତର, ଶୂନ୍ୟକାଳ ଏବଂ ଖାଦ୍ୟ ସୁରକ୍ଷା ଯୋଜନାରେ ଅବ୍ୟବସ୍ଥା ସମ୍ପର୍କିତ ଗୁରୁତ୍ୱପୂର୍ଣ୍ଣ ମୁଲତବୀ ପ୍ରସ୍ତାବ ଉପରେ ସରଗରମ ଆଲୋଚନା ହୋଇଥିଲା। ବିରୋଧୀ ଦଳରୁ ବିଜେଡ଼ିର ବରିଷ୍ଠ ବିଧାୟକ ପ୍ରତାପ ଦେବ, ବ୍ୟୋମକେଶ ରାୟ, ଧ୍ରୁବଚରଣ ସାହୁ, କଂଗ୍ରେସ ବିଧାୟକ ଅଶୋକ ଦାସ, ବିଧାୟିକା ସୋଫିଆ ଫିର୍ଦ୍ଦୋଷ ଚାଷୀ ସମସ୍ୟା ପ୍ରସଙ୍ଗରେ ମୁଲତବୀ ପ୍ରସ୍ତାବ ଆଲୋଚନାରେ ଭାଗ ନେଇ ସରକାରଙ୍କୁ ତୀବ୍ର ସମାଲୋଚନା କରିଥିଲେ। ଅନ୍ୟପକ୍ଷରେ ଦୃଷ୍ଟି ଆକର୍ଷଣକାରୀ ନୋଟିସ୍ ଜରିଆରେ ଶାସକ *(ପୃଷ୍ଠା ୭ରେ)*

# ସ୍ଥିତି ଉପରେ ରଖାଯାଇଛି ନଜର

ନୂଆଦିଲ୍ଲୀ, ୯ ।୩

ବୈଦେଶିକ ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କର ସୋମବାର ଦିନ ସଂସଦରେ କହିଛନ୍ତି ଯେ ଭାରତ ସରକାର ପଶ୍ଚିମ ଏସିଆରେ ଜାରି ସଂଘର୍ଷର ସ୍ଥିତି ଉପରେ ନିକଟରୁ ଦୃଷ୍ଟି ରଖିଛନ୍ତି ଏବଂ ଅଞ୍ଚଳରେ ଉପସ୍ଥିତ ଭାରତୀୟ ନାଗରିକଙ୍କ ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ଯଥାସମ୍ଭବ ପଦକ୍ଷେପ ଉଠାଯାଉଛି।

ଲୋକସଭା ଏବଂ ରାଜ୍ୟସଭାରେ ପଶ୍ଚିମ ଏସିଆର ସ୍ଥିତି ଉପରେ ଦିଆଯାଇଥିବା ନିଜ ବକ୍ତବ୍ୟରେ ଜୟଶଙ୍କର କହିଛନ୍ତି ଯେ ୨୮ ଫେବୃଆରୀରୁ ଆରମ୍ଭ ହୋଇଥିବା ଏହି ସଂଘର୍ଷରେ ଇସ୍ରାଏଲ ଏବଂ ଆମେରିକା ଗୋଟିଏ ପଟରେ ଏବଂ ଅନ୍ୟପଟେ ଇରାନ୍ ଅଛି, ଯେତେବେଳେ କେତେକ ଉପସାଗରୀୟ ଦେଶରେ ମଧ୍ୟ ଆକ୍ରମଣ ହୋଇଛି। ଏହି ସଂଘର୍ଷରେ ବିପୁଳ ଜନହାନି ଏବଂ ଭିତ୍ତିଭୂମିକୁ କ୍ଷତି ହୋଇଛି।



ସେ କହିଛନ୍ତି ଯେ ସ୍ଥିତିର ଗମ୍ଭୀରତାକୁ ଦେଖି ଏକ ମାର୍ଚ୍ଚ ଦିନ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ କେନ୍ଦ୍ରୀୟ ମନ୍ତ୍ରିମଣ୍ଡଳର ସୁରକ୍ଷା ସମ୍ବନ୍ଧିତ ସମିତିର ବୈଠକ ହୋଇଛି, ଯେଉଁଥିରେ କ୍ଷେତ୍ରରେ ରହୁଥିବା ଭାରତୀୟଙ୍କ ସୁରକ୍ଷା ତଥା କ୍ଷେତ୍ରୀୟ ସୁରକ୍ଷା, ବ୍ୟାପାର ଏବଂ ଆର୍ଥିକ ଗତିବିଧି ଉପରେ ପଡୁଥିବା ପ୍ରଭାବର ସମୀକ୍ଷା କରାଯାଇଛି। ସମିତିକୁ ଏହି ଅଞ୍ଚଳରେ ଯାତାୟତ କରୁଥିବା ଭାରତୀୟ ଯାତ୍ରୀ ଏବଂ ଏହି ଦେଶରେ ପରୀକ୍ଷାରେ *(ପୃଷ୍ଠା ୭ରେ)*

# ରାଜ୍ୟସଭା ନିର୍ବାଚନ : ୫ ପ୍ରାର୍ଥୀଙ୍କ ନାମାଙ୍କନ କାଏମ୍

## ଚତୁର୍ଥ ଆସନ ପାଇଁ ଲଢେଇ ସୁନିଶ୍ଚିତ

ଭୁବନେଶ୍ୱର, ୯ ।୩

ନ୍ୟୁଜ୍ ବ୍ୟୁରୋ

ରାଜ୍ୟସଭା ନିର୍ବାଚନର ୪ଟି ଆସନ ପାଇଁ ୫ଜଣ ପ୍ରାର୍ଥୀ ମଇଦାନରେ ରହିଛନ୍ତି। ସୋମବାର ନାମାଙ୍କନ ପ୍ରତ୍ୟାହାର ଶେଷ ତାରିଖ ରହିଥିବା ବେଳେ କେହି ନାମାଙ୍କନ ପ୍ରତ୍ୟାହାର କରିନାହାନ୍ତି। ଫଳରେ ନିର୍ବାଚନରେ ୫ଜଣ ପ୍ରାର୍ଥୀଙ୍କ ନାମାଙ୍କନ କାଏମ୍ ରହିଛି। ଅର୍ଥାତ୍ ୫ଜଣ ଯାକ ପ୍ରାର୍ଥୀ ନିର୍ବାଚନ ଲଢିବା ସ୍ପଷ୍ଟ ହୋଇଛି। ତେବେ ଚତୁର୍ଥ ଆସନ ପାଇଁ କମନ୍ କ୍ୟାଣ୍ଡେଟ୍ ଡ. ଦତ୍ତେଶ୍ୱର ହୋତା ଏବଂ ବିଜେପି ସମର୍ଥିତ ସ୍ୱାଧୀନ ପ୍ରାର୍ଥୀ ଦିଲ୍ଲୀପ ରାୟଙ୍କ ମଧ୍ୟରେ ମୁହାଁମୁହିଁ ଲଢେଇ ହେବାର ସ୍ପଷ୍ଟ ସୂଚନା ମିଳିଛି। ଚୂଡ଼ାନ୍ତ ପ୍ରାର୍ଥୀ ଘୋଷଣା ପରେ ରାଜ୍ୟସଭା ନିର୍ବାଚନ ରୋଚକ ମୋଡ଼ ନେଇଛି। ବିଧାନସଭାର ସଂଖ୍ୟା ଗଣିତରେ ବିଜେଡି ପାଖରେ ସନ୍ତୃପ୍ତଙ୍କୁ ଜିତାଇବା ପାଇଁ ଯଥେଷ୍ଟ ଭୋଟ୍ ଥିବା ଉପରକୁ ଦେଖାଯାଉଥିଲେ ମଧ୍ୟ ରାଜ୍ୟସଭାର 'ଏକକ ହସ୍ତାନ୍ତରଯୋଗ୍ୟ ଭୋଟ୍' ବ୍ୟବସ୍ଥାରେ ଗୋଟିଏ ଗୋଟିଏ କ୍ରସ୍ ଭୋଟିଂ ନିର୍ବାଚନ ଫଳାଫଳକୁ ଓଲଟପାଲଟ କରିଦେବାର ଆଶଙ୍କା ରହିଛି ଅର୍ଥାତ୍ ଏଥର ନିର୍ବାଚନରେ କ୍ରସ ଭୋଟିଂ ଏବଂ ଘୋଡା ବେପାର ହେବାର ସମ୍ଭାବନା ମଧ୍ୟ ଯଥେଷ୍ଟ ବୃଦ୍ଧି ପାଇଛି।

୪ଟି ଆସନ ପାଇଁ *(ପୃଷ୍ଠା ୭ରେ)*

# ମୋଜତବା ଖୋମନେଇ ସର୍ବୋଚ୍ଚ ନେତା ଘୋଷିତ

ତେହେରାନ, ୯ ।୩

ସୟିଦ ମୋଜତବା ହୁସେନି ଖୋମନେଇ ଇରାନର ତୃତୀୟ ସର୍ବୋଚ୍ଚ ନେତା ହୋଇଛନ୍ତି। ଇରାନ ବିରୋଧରେ ଇସ୍ରାଏଲ ଓ ଆମେରିକା ଯୁଦ୍ଧ ଆରମ୍ଭ କରିବା *(ପୃଷ୍ଠା ୭ରେ)*

# ଜନ ଆକାଂକ୍ଷାର ପୂର୍ତ୍ତି ସରକାରଙ୍କ ସଂକଳ୍ପ, ଶିକ୍ଷା, ସ୍ୱାସ୍ଥ୍ୟ, ଖେଳ ପ୍ରମୁଖ କ୍ଷେତ୍ର

ନୂଆଦିଲ୍ଲୀ, ୯ ।୩

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସୋମବାର କହିଛନ୍ତି ଯେ ଦେଶର ଜନତାଙ୍କ ଆକାଂକ୍ଷା ପୂରଣ କରିବା ତାଙ୍କ ସରକାରର ମୂଳ ସଙ୍କଳ୍ପ। ଶିକ୍ଷା, କୌଶଳ ବିକାଶ, ସ୍ୱାସ୍ଥ୍ୟ, ପର୍ଯ୍ୟଟନ, କ୍ରୀଡା ଏବଂ ସଂସ୍କୃତି ପରି କ୍ଷେତ୍ରଗୁଡ଼ିକ ଏହି ଆକାଂକ୍ଷାଗୁଡ଼ିକୁ ସାକାର କରିବାର ମୁଖ୍ୟ ମାଧ୍ୟମ ବୋଲି ସେ କହିଛନ୍ତି। ସେ ଶିକ୍ଷା ପ୍ରଣାଳୀକୁ ବାସ୍ତବ ଅର୍ଥନୀତି ସହ ଯୋଡ଼ିବା ପ୍ରକ୍ରିୟାକୁ ଦ୍ରୁତ କରିବା ସହିତ କୃତ୍ରିମ ବୁଦ୍ଧିମତା ଏବଂ ଅଟୋମେସନ୍ ପରି ବିଷୟଗୁଡ଼ିକ ଉପରେ ବିଶେଷ ଧ୍ୟାନ ଦେବାକୁ ଜୋର ଦେଇଥିଲେ।

ପ୍ରଧାନମନ୍ତ୍ରୀ ମୋଦୀ "ସବକା ସାଥ, ସବକା ବିକାଶ – *(ପୃଷ୍ଠା ୭ରେ)*

7001/39/2526



ଶ୍ରୀ ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ

## ରବି ଧାନ ସଂଗ୍ରହ ପାଇଁ ଚାଷୀ ପଞ୍ଜୀକରଣ

ଧାନ ସଂଗ୍ରହ ବର୍ଷ ୨୦୨୫-୨୦୨୬

**ଚଳିତ ରବି ଋତୁ (୨୦୨୫-୨୬) ପାଇଁ ରାଜ୍ୟ ସରକାର ପୂର୍ବ ବର୍ଷ ପରି ଚାଷୀମାନଙ୍କଠାରୁ ଧାନ କ୍ରୟ କରିବେ। ଏଥିପାଇଁ ଚାଷୀମାନେ ସେମାନଙ୍କ ଅଧିକୃତ ପ୍ରାଥମିକ କୃଷି ସମବାୟ ସମିତି (PACS /LAMPCS) ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ କିମ୍ବା ପାଣି ପଞ୍ଚାୟତରେ ଆଗୁଆ ପଞ୍ଜୀକରଣ କରନ୍ତୁ।**



ଶ୍ରୀ ମୋହନ ଚରଣ ମାଝୀ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

- **ନୂତନ/ନବୀକରଣ ଫର୍ମ ଉପଲବ୍ଧ ତାରିଖ: ୧୦-୨୦ ମାର୍ଚ୍ଚ ୨୦୨୬**
- **ଆବେଦନ ଦାଖଲ: ୧୦-୨୫ ମାର୍ଚ୍ଚ ୨୦୨୬**
- **ଧାନ ସଂଗ୍ରହ: ମେ ୧- ୩୦ ଜୁନ ୨୦୨୬**

### ପୂର୍ବରୁ ପଞ୍ଜୀକୃତ ଚାଷୀଙ୍କ ନବୀକରଣ:

- ଗତ ରବି ଋତୁରେ ପଞ୍ଜୀକୃତ ଚାଷୀମାନେ ନବୀକରଣ କରି ଚଳିତ ରବି ଋତୁ ପାଇଁ **ପୁନଃ ପଞ୍ଜୀକୃତ** ହେବେ।
- ନବୀକରଣ ପାଇଁ ଚାଷୀମାନଙ୍କୁ ସେମାନଙ୍କ ସମିତି ତରଫରୁ ନବୀକରଣ ଫର୍ମ ଉପଲବ୍ଧ କରାଯିବ।
- ଗତ ରବିଋତୁରେ ଚାଷୀମାନେ ଚାଷ କରିଥିବା କେବଳ ଜଳସେଚିତ ଜମିର ତଥ୍ୟ ଉକ୍ତ ଫର୍ମର ଦ୍ୱିତୀୟ ଭାଗରେ ଖାତା ଓ ପ୍ଲଟ୍‌ୱାରୀ ପ୍ରଦାନ କରନ୍ତୁ ।
- ଯଦି ରବି ଋତୁ ପାଇଁ ଉପରୋକ୍ତ ଜମି ବାବଦ ତଥ୍ୟାବଳୀରେ ଚାଷୀ କୌଣସି ପରିବର୍ତ୍ତନ କରିବାକୁ ଚାହୁଁନଥାନ୍ତି, ତେବେ ସମ୍ପୃକ୍ତ ଚାଷୀ ଉକ୍ତ ଫର୍ମର ତୃତୀୟ ଭାଗରେ ଏହି ବାବଦରେ ଏକ ଘୋଷଣାନାମା ମାଧ୍ୟମରେ ସମିତିକୁ ଜଣାଇବେ।
- ଯଦି ଚାଷୀ ଜମି ବାବଦରେ ପରିବର୍ତ୍ତିତ ତଥ୍ୟ ଦେବାକୁ ଚାହୁଁଥାନ୍ତି, ତାହା ଉକ୍ତ ନବୀକରଣ ଫର୍ମର **ଚତୁର୍ଥ ଭାଗରେ** ପ୍ରଦାନ କରିପାରିବେ।

### ନୂତନ ଚାଷୀଙ୍କ ପଞ୍ଜୀକରଣ:

- ଯେଉଁ ଚାଷୀମାନେ ଗତ ରବି ଋତୁରେ ପଞ୍ଜୀକରଣ କରିନଥିବେ, ସେମାନେ ସେମାନଙ୍କର ସମିତିରୁ ଗୋଟିଏ ନୂତନ ପଞ୍ଜୀକରଣ ଫର୍ମ ନେଇ ଆବେଦନ କରନ୍ତୁ। ଏହା ବିଭାଗର **ୱେବସାଇଟ୍ www.foododisha.in** ରେ ମଧ୍ୟ ଉପଲବ୍ଧ।
- ନୂଆ ଫର୍ମରେ ସମସ୍ତ ବ୍ୟକ୍ତିଗତ ତଥ୍ୟ ସହ ଜଳସେଚିତ ଜମି ସଂକ୍ରାନ୍ତୀୟ ଖାତା ଓ ପ୍ଲଟର ବିଶଦ ବିବରଣୀ ପ୍ରଦାନ କରିବେ।

### ଚାଷୀମାନଙ୍କ ପାଇଁ ସୂଚନା

- ସମସ୍ତ ଚାଷୀଙ୍କୁ ପଞ୍ଜୀକରଣ/ ନବୀକରଣ ପାଇଁ ନିଜ ନିଜ ସମିତିରେ ସମ୍ପର୍କ କରିବାକୁ ଅନୁରୋଧ।
- ନୂତନ ପଞ୍ଜୀକରଣ ଫର୍ମ ସହିତ **ଆଧାର କାର୍ଡ଼ର ନକଲ**, **ବ୍ୟାଙ୍କ ପାସ ବୁକର ପ୍ରଥମ ପୃଷ୍ଠାର ନକଲ**, ଦାଖଲ ହୋଇଥିବା ନୂତନ ଜମି ବିବରଣୀର **RoR ନକଲ** ଏବଂ ଯଦି ଭାଗଚାଷୀ ହୋଇଥାନ୍ତି, ତେବେ ସମ୍ପୃକ୍ତ ଜମି ମାଲିକଙ୍କ **ସହମତି ପତ୍ର/ ଆଧାର /ମୋବାଇଲ ନମ୍ବର** ପ୍ରଦାନ କରିବେ। **ଜମି ମାଲିକଙ୍କ ସହମତି ପତ୍ର** ହସ୍ତଗତ ନହେଲେ ଭାଗ ଚାଷୀ ପଞ୍ଜୀକରଣ ସଫଳ ହେବ ନାହିଁ।
- ନିର୍ଦ୍ଧାରିତ ସମୟକୁ ଅପେକ୍ଷା ନ କରି ଯଥେଷ୍ଟ ପୂର୍ବରୁ ଚାଷୀମାନେ ପୂରଣ କରାଯାଇଥିବା ଫର୍ମ ସମିତିରେ ଦାଖଲ କରିବାକୁ ଅନୁରୋଧ।
- ରବି ଚାଷ କରାଯାଇଥିବା ପ୍ଲଟୱାରୀ ଜମି ବିବରଣୀ ବାବଦରେ ସଠିକ ତଥ୍ୟ ପ୍ରଦାନ କରିବେ, ଅନ୍ୟଥା ଏହା ଗ୍ରହଣୀୟ ହେବ ନାହିଁ।

ଫର୍ମ ପାଇଁ ସ୍କାନ କରନ୍ତୁ

ଅଧିକ ବିବରଣୀ ପାଇଁ, ଦେୟମୁକ୍ତ **ହେଲ୍ପଲାଇନ ନମ୍ବର ୧୯୬୭** ରେ ଯୋଗାଯୋଗ କରନ୍ତୁ।

OIPR-7001/7002/2/25-26/0008

**ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ, ଓଡ଼ିଶା ସରକାର** Foododisha Food Odisha Foododishagov www.Foododisha.gov.in





## ଅସହ୍ୟ ହେଉଛି ଟ୍ରାଫିକ୍ ଯନ୍ତ୍ରଣା

# ଶିଶୁଭବନରେ କଂକ୍ରିଟ୍ ବ୍ୟାରିକେଡ୍ ଦଣ୍ଡ, ବମିଖାଲରେ ଚଢ଼ିଲେ ବାଟ ବାଉଳା



**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ଯାତାୟାତକୁ ସୁଗମ କରିବା ଲାଗି ନିର୍ମାଣ ଓଭରବ୍ରିଜ୍ ଏବେ ଯନ୍ତ୍ରଣା ବଢ଼ାଉଛି। ଓଭରବ୍ରିଜ୍ ଦେଇ ଯିବା ଥିଲେ ଯେମିତି ଟ୍ରାଫିକ୍ ଯନ୍ତ୍ରଣାର ଏକ ଭୟ ମନକୁ ଚାଲି ଆସୁଛି। ରାଜଧାନୀର ସହର ଭିତରେ ଥିବା ଏକାଧିକ ଓଭରବ୍ରିଜ୍ ମଧ୍ୟରୁ ୩ଟି ଓଭରବ୍ରିଜର ଯନ୍ତ୍ରଣା ଦିନକୁ ଦିନ ଅସହ୍ୟ ହୋଇପଡ଼ିଲାଣି। ଏକପ୍ରକାର ଓଭରବ୍ରିଜ୍ ବାଟ କଢ଼ାଇନେବା ବଦଳରେ ବାଟ ଓଗାଳୁଛି। କେଉଁଠି ସିମେଣ୍ଟ ବ୍ୟାରିକେଡ୍ ଯୋଗୁଁ ବ୍ରିଜ୍ ପାର୍ କରିବା ଏକ ପ୍ରକାର ଦଣ୍ଡ ଭୋଗିବାକୁ ପଡୁଛି। କେଉଁଠି ଓଭରବ୍ରିଜ୍ ପାର୍ ବେଳେ ଯାତ୍ରୀ ବାଉଳା ହେଉଛନ୍ତି। ଖାଲି ସେତିକି ନୁହଁ, ଓଭରବ୍ରିଜରେ ବେଆଇନ୍ ନିର୍ମାଣ ଗାଡିମୋଟର ଯା'ଆସରେ କଣ୍ଟା ସାଜିଛି।

ନିକଟରେ ଭୋର ସମୟରେ ଏକ ଧଳାରଙ୍ଗର କାର୍ ଶିଶୁଭବନ ଓଭରବ୍ରିଜ୍‌ରୁ ତଳକୁ ଖସିପଡ଼ିଲା। ଚାଳକଙ୍କ ସମେତ କିଛି ବସ୍ତିବାସିନ୍ଦା ଏକ ନିଶ୍ଚିତ ମୃତ୍ୟୁମୁଖରୁ ବର୍ତ୍ତିଗଲେ। ଏହି ଦୁର୍ଘଟଣା ସହିତ ଏକ ହତ୍ୟାକାଣ୍ଡର ଲିଙ୍କ୍ ଥିଲା। ହେଲେ ଏହି ଦୁର୍ଘଟଣାର ଏକମାତ୍ର କାରଣ ହେଉଛି, ଓଭରବ୍ରିଜ୍ ମଝିରେ ରଖାଯାଇଥିବା କଂକ୍ରିଟ୍ ବ୍ୟାରିକେଡ୍। ରାଜଧାନୀର ଏହା ଏକ ବ୍ୟସ୍ତବହୁଳ ଓଭରବ୍ରିଜ୍। ଏହି ସଂକୁଚିତ ଓଭରବ୍ରିଜ୍ ଉପରେ ଯାତାୟାତକୁ ସୁଗମ କରିବାକୁ ଯାଇ ମଝିରେ କଂକ୍ରିଟ୍ ବ୍ୟାରିକେଡ୍ ରଖାଯାଇଛି। କିନ୍ତୁ ଏହା ଅନେକ ସମୟରେ ଘାତକ ପାଲଟୁଛି। ପୂର୍ବରୁ କ୍ୟାପିଟାଲ ହସ୍ପିଟାଲକୁ ଯାଉଥିବା ଏକ ୧୦୮ ଆମ୍ବୁଲାନ୍ସ ବି ବ୍ୟାରିକେଡ୍‌ରେ ପିଟି ହୋଇ ଭାଙ୍ଗିରୁଜି ଯାଇଥିଲା। ପ୍ରତି ମାସରେ ୨-୩ଟି ଦୁର୍ଘଟଣାର କାରଣ ପାଲଟୁଛି ଏହି ବ୍ୟାରିକେଡ୍। ମରଣଯନ୍ତା ପାଲଟିଥିବା ଏହି ବ୍ୟାରିକେଡ୍‌କୁ ହଟାଇବାକୁ ପ୍ରଶାସନର ହାତ ଥରୁଛି।

ସେହିପରି ସହିଦନଗର ମହର୍ଷି କଲେଜ ପଟୁ କଟକ ରୋଡ୍‌କୁ ସଂଯୋଗ ପାଇଁ ନିର୍ମିତ ବମିଖାଲ ଓଭରବ୍ରିଜ୍ ଆଉ ଏକ ବିଚିତ୍ର ସ୍ଥିତି ସୃଷ୍ଟି କରିଛି। ଏହି ଓଭରବ୍ରିଜ୍ ନିର୍ମାଣ ସମୟରେ ଦୁଇ ଦୁଇଥର ଭୁଶୁଡ଼ି ପଡ଼ିବାରୁ ଦୁଇଟି ମୁଣ୍ଡ ନେଇଥିଲା। ଏହି ଓଭରବ୍ରିଜ୍ ସବୁବେଳେ ଅଘଟଣ ପାଇଁ ଚର୍ଚ୍ଚାରେ ରହିଛି। 'ଟି' ଆକୃତିର ଓଭରବ୍ରିଜ୍‌ରେ କେଉଁପଟେ ଚଢ଼ିବେ, କେଉଁ ବାଟ ଦେଇ ଓହ୍ଲାଇବେ। ସେନେଇ ଗାଡ଼ିଚାଳକଠୁ ପଥଚାରୀ ସଭିଏଁ ସବୁବେଳେ ଦ୍ୱନ୍ଦ୍ୱରେ ପଡ଼ିଥାନ୍ତି। ସହିଦନଗର ପଟୁ ଚଢ଼ିଲେ, ଏସ୍ପ୍ଲାନେଡ୍ ମଲ ବାଟେ ରସୁଲଗଡ଼କୁ ଓହ୍ଲାଇବାକୁ ନିୟମ ରହିଛି। ସେହିପରି କଟକ ରୋଡ଼ର ସନ୍ତୋଷୀ ମା' ମନ୍ଦିର ପଟୁ ଚଢ଼ିଲେ ସହିଦନଗର ମହର୍ଷି କଲେଜ ପଟେ ଓହ୍ଲାଇବା କଥା। କିନ୍ତୁ ଓଭରବ୍ରିଜ୍ ମଝିରେ ପଡ଼ିଥିବା ବ୍ୟାରିକେଡ୍‌କୁ ଅମାନିଆମାନେ ହଟାଇ ଦେବା ଫଳରେ ଏବେ ଓଭରବ୍ରିଜ୍‌ରେ ତିନି ତୁଣ୍ଡ ଖୋଲା। ଯିଏ ଯେଉଁପଟେ ପାରିଲା, ମାଡ଼ିଗଲା। ଓଭରବ୍ରିଜ୍ ପାର୍ ପାଇଁ ରଙ୍ଗରୁଟ୍ ଗାଡ଼ି ଚାଳନାର ଏକରକମର ପ୍ରତିଯୋଗିତା ଚାଲୁଛି ଏଠି। ଏସ୍‌ପ୍ଲାନେଡ୍ ମଲ୍ ଓ ସନ୍ତୋଷୀ ମା' ମନ୍ଦିର ପାର୍ଶ୍ୱରେ ଶହଶହ ଗାଡ଼ି ଚାଳକ ବିପରୀତ ଦିଗରେ ଯାଇ ବିପଦକୁ ଡାକୁଛନ୍ତି। କିଏ କେଉଁ ରୁଟ୍ ଦେଇ ଓଭରବ୍ରିଜ୍ ପାର୍ କରିବ, ତାହା ପରଖିବାକୁ ଜଣେ ଟ୍ରାଫିକ୍ ପୁଲିସ ବି ଜଗୁନାହାଁନ୍ତି।

ସେହିପରି ବ୍ୟସ୍ତବହୁଳ ସତ୍ୟନଗର ଓଭରବ୍ରିଜ୍ ଢେର୍ ଦୁର୍ବଳ ହୋଇଗଲାଣି। ଓଭରବ୍ରିଜ୍ ମଝି ସଂଯୋଗସ୍ଥଳରେ ବିରାଟକାୟ ଫାଟ ସୃଷ୍ଟି ହୋଇଥିଲା। ବିନା କୌଣସି ନୋଟିସ କିମ୍ବା ଟ୍ରାଫିକ୍ କଟକଣାରେ ଓଭରବ୍ରିଜ୍ ଉପରେ ବେଆଇନ୍ ନିର୍ମାଣ ଚାଲିଥିଲା। ଦୀର୍ଘ ୨୦ ଦିନ ଧରି ରାସ୍ତା ମଝିକୁ ଖୋଳି ତାଡ଼ି ପକାଇ ମରାମତି କରୁଥିଲେ। ରାସ୍ତାରେ ଲୁହାଛଡ଼ ମୁକୁଳା ହୋଇପଡ଼ିଥିବାରୁ ଗାଡ଼ି ଚାଳକମାନେ ବିପଦରେ ଯା'ଆସ କରୁଛନ୍ତି। ଢେର ହଇରାଣ ହେଉଛନ୍ତି। ହେଲେ ଠିକା ସଂସ୍ଥା ଜରିଆରେ ପୂର୍ତ୍ତ ବିଭାଗର ଏହି ବେଆଇନ ନିର୍ମାଣର ବିରୋଧ କରିବାକୁ କେହି ନାହାନ୍ତି।

# ନାରୀ ପ୍ରଗତି ପାଇଁ ଶିକ୍ଷା, ସଂସ୍କାର ଓ ସଂସ୍କୃତି ଉପରେ ଗୁରୁତ୍ୱ



**ବରଗଡ଼, ନ୍ୟୁଜ୍‌ବ୍ୟୁରୋ**

ନାରୀ ଯଦି ଆଦର୍ଶ, ମର୍ଯ୍ୟାଦାକୁ ଧରି ସକାରାତ୍ମକ ମାନସିକତାର ସହିତ ସଂସ୍କାର ଓ ସଂସ୍କୃତିକୁ ଗୁରୁତ୍ୱ ଦେଇ, ଶିକ୍ଷାକୁ ପାଥେୟ କରି ସ୍ୱାବଲମ୍ବୀ ହେଲେ ନିଜର ଉନ୍ନତି ସହିତ ଦେଶ ଓ ଜାତିର ପରିବର୍ତ୍ତନ ତଥା ପ୍ରଗତି ସମ୍ଭବ ହେବ ବୋଲି ବରଗଡ଼ ମହିଳା ସମିତି ପକ୍ଷରୁ ପାଳିତ ଆନ୍ତର୍ଜାତିକ ମହିଳା ଦିବସ ସମାରୋହରେ ମତପ୍ରକାଶ ପାଇଛି। ସମିତିର ସଭାନେତ୍ରୀ ଅଞ୍ଜନା ଦାସଙ୍କ ସଭାପତିତ୍ୱ ଏବଂ ପ୍ରଣତି ପ୍ରଧାନଙ୍କ ପରିଚାଳନାରେ ଅନୁଷ୍ଠିତ ଏହି ସମାରୋହରେ ମୁଖ୍ୟବକ୍ତା ଭାବେ ପଞ୍ଚାୟତ ମହାବିଦ୍ୟାଳୟ ମନସ୍ତତ୍ତ୍ୱ ବିଭାଗ ସହକାରୀ ପ୍ରଫେସର୍ ସୁନନ୍ଦିନୀ ଦାଶ, ମୁଖ୍ୟଅତିଥି ହିନ୍ଦୀ ବାଳକ ବିଦ୍ୟାଳୟର ଶିକ୍ଷୟିତ୍ରୀ ଗାୟତ୍ରୀ ପଣ୍ଡା, ସମ୍ମାନିତ ଅତିଥି ସମାଜସେବୀ ଗୀତା ମିଶ୍ର, ସୁନିତା କର ଓ ଦିବ୍ୟକାନ୍ତି ଭୋଇ ପ୍ରମୁଖ ମହିଳା ଦିବସର ଅନୁଚିନ୍ତା ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ।

ଅଧ୍ୟାପିକା ଦାଶ କହିଥିଲେ, ନାରୀ କେବେ ଅବଳା ନୁହେଁ କି ଦୁର୍ବଳା ନୁହେଁ, ଯୁଗେ ଯୁଗେ ମହାନ। ତାକୁ ସଶକ୍ତ କରିବାର ଆବଶ୍ୟକତା ନାହିଁ, କେବଳ ନାରୀ ଚେତନା ଜାଗରଣର ଆବଶ୍ୟକତା ରହିଛି। ଶିକ୍ଷୟିତ୍ରୀ ପଣ୍ଡା କହିଥିଲେ, ସାଧନା କେବେହେଲେ ବିଫଳ ହୁଏ ନାହିଁ। ନାରୀ ଶକ୍ତି ବଳରେ ହିଁ ଏକ ସୁସ୍ଥ ସମାଜ ଗଠନ ସମ୍ଭବ ବୋଲି ମତବ୍ୟକ୍ତ କରି ବରଗଡ଼ ମହିଳା ସମିତିର ସେବାକାର୍ଯ୍ୟର ଉଚ୍ଚ ପ୍ରଶଂସା କରିଥିଲେ।

ପ୍ରାରମ୍ଭରେ ବରିଷ୍ଠ ସଦସ୍ୟା ମମତା ମିଶ୍ର ଅତିଥି ପରିଚୟ ସହ ସ୍ୱାଗତ ଭାଷଣ, କବିତା ଦେବତା କବିତା ପାଠ, ସମ୍ପାଦିକା ସୁଧାଂଶୁବାଲା ଦାଶ ବାର୍ଷିକ ବିବରଣୀ ଉପସ୍ଥାପନ କରିଥିଲେ। ଏହି ଅବସରରେ ବରପାଲି ବ୍ଲକ ଲେଣ୍ଡା ଗ୍ରାମର ୯୫ ବର୍ଷୀୟା ବିଶିଷ୍ଟ ସମାଜସେବୀ ସୁଲୋଚନା ମିଶ୍ର ଓ ସମିତିର ପ୍ରତିଷ୍ଠାତା ସଦସ୍ୟା ଅନୁପମା ଦାଶଙ୍କୁ ଜୀବନ ବ୍ୟାପୀ ସାଧନା ସମ୍ମାନ, ସଦସ୍ୟା ପଦ୍ମିନୀ ସାହୁଙ୍କୁ ବର୍ଷର ସଚେତନ ସଦସ୍ୟା ସମ୍ମାନ ଓ ସଲୋନୀ ଦାଶଙ୍କୁ ସକ୍ରିୟ ସଦସ୍ୟା ସମ୍ମାନରେ ଅତିଥିଗଣ ସମ୍ମାନିତ କରିଥିଲେ। ପରିଶେଷରେ ରାଧାରାଣୀ ମିଶ୍ର ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ରୁବି ମିଶ୍ର, ନିବେଦିତା ମିଶ୍ର, ରୀନୁ ପତି, ପଦ୍ମିନୀ ପ୍ରଧାନ, ଗୀତାଞ୍ଜଳି ପାଣିଗ୍ରାହୀ ଓ ଅନ୍ୟମାନେ ସହଯୋଗ କରିଥିଲେ।

# ନିଆଁ ଲାଗି ପଦା ହେଉଛି ଜଙ୍ଗଲ : ବେଫିକର ବନବିଭାଗ



**ଭବାନୀପାଟଣା, ନ୍ୟୁଜ୍‌ବ୍ୟୁରୋ**

ପରିବେଶକୁ ସନ୍ତୁଳନ ତଥା ପ୍ରଦୁଷଣରୁ ରକ୍ଷା କରିବା ପାଇଁ ସରକାର ଗ୍ରାମାଞ୍ଚଳର ଜଙ୍ଗଲଗୁଡ଼ିକର ସୁରକ୍ଷା ସହ ନୂତନ ଜଙ୍ଗଲ ସୃଷ୍ଟି କରିବା ପାଇଁ ବିଭିନ୍ନ ଯୋଜନାରେ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ହେଲେ ବିଭାଗୀୟ କର୍ମଚାରୀଙ୍କ ଆନ୍ତରିକତାର ଅଭାବ ଯୋଗୁ ଯୋଜନା ବିଫଳ ହେବା ସହ ଜଙ୍ଗଲଗୁଡ଼ିକ ଦିନକୁ ଦିନ ପଦା ହେବାରେ ଲାଗିଛି। ଏପରି ଏକ ଘଟଣା ଦେଖିବାକୁ ମିଳିଛି କଳାହାଣ୍ଡି ଜିଲ୍ଲା ଦକ୍ଷିଣ ବନଖଣ୍ଡର ଧର୍ମଗଡ଼ ରେଞ୍ଜ ଅନ୍ତର୍ଗତ କେଲିଆ ସଂରକ୍ଷିତ ଜଙ୍ଗଲରେ। ବନବିଭାଗର ଖାମଖିଆଲି ମନୋଭାବ ଯୋଗୁ ଏବେ ଏହି ଜଙ୍ଗଲ ପଦା ହେବାକୁ ବସିଛି।

କେଲିଆ ସଂରକ୍ଷିତ ଜଙ୍ଗଲ ପ୍ରାୟ ୭୪୦ ହେକ୍ଟର ରହିଥିବାବେଳେ ଏହା ଜୁନାଗଡ଼ ବ୍ଲକ କଳିଆକୁଣ୍ଡଲ ପଞ୍ଚାୟତର କେଲିଆ, ମୁଣ୍ଡିଗୁଡ଼ା ଓ ଆଟିଗାଁ ପଞ୍ଚାୟତ ଆଟିଗାଁ, ବାଗଡୁଙ୍ଗରୀ ଓ କାନ୍ଦୁଲଗୁଡ଼ା ମଧ୍ୟରେ ରହିଛି। ଦିନେ ସବୁଜମୟ ଥିବା ଏହି ଜଙ୍ଗଲରେ ଶାଗୁଆନ ଭଳି ଅନେକ ପ୍ରକାର ମୂଲ୍ୟବାନ ଗଛ ରହିଥିଲା। କାଳକ୍ରମେ କାଠ ମାଫିଆମାନେ ରାତିରେ ଆସି ମୂଲ୍ୟବାନ ଗଛଗୁଡ଼ିକ କାଟି ନେଇଥିବାବେଳେ ସ୍ଥାନୀୟ ଲୋକେ ମଧ୍ୟ ଘର କରିବା ପାଇଁ ବିଭିନ୍ନ ପ୍ରକାର ଗଛ କାଟି ନେଇଥିଲେ। ସେହିପରି ଜଙ୍ଗଲରେ ନିଆଁ ଲାଗି ଯାଇ ଗଛଗୁଡ଼ିକ ମରିଯାଉଥିବା ଦେଖିବାକୁ ମିଳିଛି। ଗତ ୯ ତାରିଖ ଜଙ୍ଗଲରେ ଲାଗୁଥିବା ନିଆଁକୁ ରୋକିବା ପାଇଁ ଦକ୍ଷିଣ ବନଖଣ୍ଡ ପକ୍ଷରୁ ମାଷ୍ଟର ପ୍ଲାନ କରାଯାଇଛି ବୋଲି ଭବାନୀପାଟଣାରେ ଏକ ଖବରଦାତା ସମ୍ମିଳନୀରେ ଏସିଏଫ୍ ଓମ୍‌କାର ଦାଶ ପ୍ରକାଶ କରିଥିବାବେଳେ ବାସ୍ତବରେ ତାହା କେତେ ଦୂର କାର୍ଯ୍ୟକାରୀ ହେଉଛି ତାହା ଜଙ୍ଗଲର ସ୍ଥିତିରୁ ସ୍ପଷ୍ଟ ହେଉଥିବା କୁହାଯାଉଛି। ନିଆଁ ଲାଗିବା ଯୋଗୁ ଜଙ୍ଗଲର ଆୟତନ ପୂର୍ବପେକ୍ଷା କମିଯାଇଛି। ଏପରିସ୍ଥଳେ ବନବିଭାଗ ପକ୍ଷରୁ ଏହି ଜଙ୍ଗଲକୁ ସବୁଜମୟ କରିବା ପାଇଁ ଗତ ୧୦ ବର୍ଷରେ ବିଭିନ୍ନ ଯୋଜନାରେ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରିଥିଲେ ମଧ୍ୟ ଫଳ ଶୂନ ବୋଲି ଚର୍ଚ୍ଚା ଜୋର ଧରିଛି।

ଆମ ତରଫରୁ ଏନେଇ ଧର୍ମଗଡ଼ ରେଞ୍ଜର ଭବାନୀ ଶଙ୍କର କହଁରଙ୍କ ମୋବାଇଲ ନମ୍ବରକୁ ଓ ଏସିଏଫ ଓମକାର ଦାଶଙ୍କ ମୋବାଇଲ ନମ୍ବକୁ ବାରମ୍ବାର ଯୋଗାଯୋଗ କରାଯାଇ ଥିଲେ ମଧ୍ୟ ଦୁହେଁ ଫୋନ ଉଠାଇ ନ ଥିଲେ। ଏହି ଘଟଣା ପ୍ରତି ରାଜ୍ୟ ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୋଇଛି।

## ଦେଶୀ ମଦ ଚାଲାଣ ବେଳେ ଚଢଉ : ୨ ଗିରଫ

**ଜୟପୁର, ନ୍ୟୁଜ୍‌ବ୍ୟୁରୋ**

ଦେଶୀ ମଦ ଚାଲାଣ ବେଳେ ଜୟପୁର ଅବକାରୀ ଥାନା ଚଢ଼ଉ କରି ୨ ଅଭିଯୁକ୍ତଙ୍କୁ ଗିରଫ କରିଛି। ଗିରଫ ଦୁଇ ଅଭିଯୁକ୍ତ ହେଲେ ବୈପାରିଗୁଡ଼ା ଅଞ୍ଚଳର ଗୋବିନ୍ଦ ଗୌଡ଼ ଓ ଗୋବର୍ଦ୍ଧନ ବିଷୋୟୀ। ସୂଚନା ଅନୁଯାୟୀ, ବୈପାରିଗୁଡ଼ା ଅଞ୍ଚଳରୁ ୨ଟି ସ୍କୁଟିରେ ଜୟପୁରକୁ ଦେଶୀ ମଦ ଚାଲାଣ ହେଉଥିବା ସୂଚନା ପାଇ ଜୟପୁର ଅବକାରୀ ଥାନା ଚଢଉ କରିଛି। ଜୟପୁର ସଦର ଥାନା ଅନ୍ତର୍ଗତ ବାଲିଆ ଠାରେ ଚଢ଼ଉ କରି ୨ ଅଭିଯୁକ୍ତଙ୍କୁ ଗିରଫ କରିଛି। ଗିରଫ ଦୁଇ ଅଭିଯୁକ୍ତଙ୍କ ଠାରୁ ୨ଟି ସ୍କୁଟି ଓ ୩୩ ଲିଟର ଦେଶୀ ମଦ ଜବତ କରିଛି। ଗିରଫ ଦୁଇ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ବିଷୟ ଅବକାରୀ ଥାନା ଓଆଇସି ସୁବ୍ରତ କେଶରି ହିରନ ସୂଚନା ଦେଇଛନ୍ତି।

# ରାସ୍ତା ମରାମତି ପାଇଁ ଜାତୀୟ ରାଜପଥ କର୍ତ୍ତୃପକ୍ଷଙ୍କୁ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ

**ମାଲକାନଗିରି, ନ୍ୟୁଜ୍‌ବ୍ୟୁରୋ**

ଗତ ୧୪ ତାରିଖରେ ମାଥିଲି ଠାରୁ ୪ କି.ମି. ଦୂରରେ ଅବସ୍ଥିତ ଉଦୁଲିବେଡା ଗ୍ରାମ ନିକଟରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଜାତୀୟ ରାଜପଥ ନଂ ୩୨୬ରେ ଘଟିଥିଲା। ଏହି ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ କେଶବ ଗୌଡ଼ ନାମକ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଥିଲା ଏବଂ ତାଙ୍କ ସମ୍ପର୍କୀୟ ରାଜେନ୍ଦ୍ର ମାହାପାତ୍ରିଆ ଗୁରୁତର ଭାବରେ ଆହତ ହୋଇଥିଲେ। ଏହି ଦୁର୍ଘଟଣା ଜାତୀୟ ରାଜପଥ ନଂ ୩୨୬ ରେ ଥିବା ଖାଲଖମା ଏବଂ ନିମ୍ନମାନର ରାସ୍ତା ଯୋଗୁଁ ହୋଇଛି। ଜିଲ୍ଲାପାଳ ସୋମେଶ କୁମାର ଉପାଧ୍ୟାୟ ବାରମ୍ବାର ଜାତୀୟ ରାଜପଥର ମରାମତି, ରକ୍ଷଣା ବେକ୍ଷଣ ଏବଂ ସଠିକ୍ ସୂଚନା ଫଳକ ଗୁଡିକୁ ଠିକ୍ ଭାବରେ ପ୍ରଦର୍ଶିତ କରିବା ପାଇଁ ଆସିଷ୍ଟାଂଟ ଏକ୍ସେକୁଟିଭ ଇଞ୍ଜିନିୟର, ଜାତୀୟ ରାଜପଥ ଉପଖଣ୍ଡ ମାଲକାନଗିରି, ଏକ୍ସେକୁଟିଭ ଇଞ୍ଜିନିୟର ଜାତୀୟ ରାଜପଥ ଡିଭିଜନ ଜୟପୁରଙ୍କୁ ନିର୍ଦ୍ଦେଶ ଦେଇଥିଲେ। ତଥାପି ଜାତୀୟ ରାଜପଥର ଅଧିକାରୀମାନେ ଜିଲ୍ଲା ପ୍ରଶାସନ ତଥା ଜିଲ୍ଲାପାଳଙ୍କ ଏହି ନିର୍ଦ୍ଦେଶକୁ କର୍ଣ୍ଣପାତ କରିନଥିଲେ ଏବଂ ନିଜ ଇଚ୍ଛା ମୁତାବକ କାମ କରି ଆସୁଥିଲେ। ତେଣୁ ଆସିଷ୍ଟାଣ୍ଟ ଏକଜୁକୁଟିଭ ଇଞ୍ଜିନିୟର, ଜାତୀୟ ରାଜପଥ ଉପଖଣ୍ଡ ମାଲକାନଗିରି, ଏକଜୁକୁଟିଭ ଇଞ୍ଜିନିୟର ଜାତୀୟ ରାଜପଥ ଡିଭିଜନ ଜୟପୁର ଏବଂ ଜାତୀୟ ରାଜପଥର ଠିକାଦାର ମାନଙ୍କ ବିରୁଦ୍ଧରେ ମାଥିଲି ଥାନାରେ ମାମଲା ଦାୟର କରାଯାଇଛି ଏବଂ ଉପ ଜିଲ୍ଲାପାଳ ତଥା ଉପଖଣ୍ଡ ଦଣ୍ଡାଧିକାରୀ, ମାଲକାନଗିରି ଏହି ଅଧିକାରୀ ଏବଂ ଠିକାଦାର ମାନଙ୍କୁ ଭାରତୀୟ ନାଗରିକ ସୁରକ୍ଷା ସଂହିତା ୨୦୨୩ ର ଧାରା ୧୫୨ ଅନୁଯାୟୀ ସପ୍ତାହକ ମଧ୍ୟରେ ଗୋବିନ୍ଦପାଲ୍ଲୀ ଠାରୁ ମୋଟୁ ପର୍ଯ୍ୟନ୍ତ ସମସ୍ତ ଖାଲଖମା, ଜାତୀୟ ରାଜପଥର ରକ୍ଷଣା ବେକ୍ଷଣ ଏବଂ ସଠିକ ସୂଚନା ଫଳକ ଗୁଡିକୁ ଠିକ୍ ଭାବରେ ପ୍ରଦର୍ଶିତ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି ଏବଂ ଏହି ନିର୍ଦ୍ଦେଶକୁ ଖିଲାପ କଲେ ଭାରତୀୟ ନ୍ୟାୟ ସଂହିତା ୨୦୨୩ ର ଧାରା ୨୨୩ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

# ଭୂତପ୍ରେତ ଭୟରେ ମାରୀଗୁଡ଼ା ଗ୍ରାମବାସୀ: ରାତିରେ ଶୁଭୁଛି ବିକଟାଳ ଶବ୍ଦ

**ରାୟଗଡ଼ା, ନ୍ୟୁଜ୍‌ବ୍ୟୁରୋ**

ଦକ୍ଷିଣ ଓଡିଶାର ଉପାନ୍ତ ରାୟଗଡ଼ା ଜିଲ୍ଲାର ଗ୍ରାମାଞ୍ଚଳରେ ଏବେ ବି ଭରି ରହିଛି ଅନ୍ଧବିଶ୍ୱାସ। ଭୂତପ୍ରେତକୁ ନେଇ ଆଜି ମଧ୍ୟ ଆଦିବାସୀ ସଂପ୍ରଦାୟ ଅନ୍ଧାରରେ ରହୁଛନ୍ତି। ଗାଁରେ ଭୂତ ବୁଲୁଛି କହି ରାୟଗଡ଼ା ସହରରୁ ମାତ୍ର ଦୁଇ କିଲୋମିଟର ଦୂରରେ ଥିବା ମାରିଗୁଡ଼ା ଗ୍ରାମବାସୀ ଆତଙ୍କିତ ଅବସ୍ଥାରେ ରହିଛନ୍ତି। ଗତ ୫ ମାସରେ ୫ ଜଣ ମୃତ୍ୟୁବରଣ କରିବା ପରେ ସେମାନଙ୍କ ଆତ୍ମା ଗାଁ ବୁଲୁଛି ବୋଲି ଲୋକେ ବିଶ୍ୱାସ କରୁଛନ୍ତି। ଭୂତ ଭୟରେ ଗାଁ ଯୁବକମାନେ ରାତି ଅନିଦ୍ରା ହୋଇ ଗାଁ ଜଗୁଥିବା ବେଳେ ଏବେ ଗାଁରେ ପୂଜା କରିବା ପାଇଁ ଚାନ୍ଦା ଆଦାୟ କରୁଛନ୍ତି ଗ୍ରାମବାସୀ ବୋଲି ଜଣାପଡ଼ିଛି। ଡିଜିଟାଲ୍ ଯୁଗରେ ମଧ୍ୟ ଭୂତର ଆତଙ୍କକୁ ନେଇ ଅଞ୍ଚଳରେ ଚର୍ଚ୍ଚା ଜୋର ଧରିଛି। ସଞ୍ଜ ନଇଁଲେ ଗାଁ ମୁଣ୍ଡରେ ଥିବା ଗଛରୁ ଧୂଆଁ ବାହାରୁଛି ଆଉ ବିଳମ୍ବିତ ରାତିରେ ବିକଟାଳ ଶବ୍ଦ ହେଉଛି। ଭୂତ ଆଉ ପ୍ରେତାତ୍ମାକୁ ନେଇ ଲୋକେ ଆତଙ୍କିତ ଅବସ୍ଥାରେ ରହିଥିବା ବେଳେ ଗତ ତିନି ଦିନ ହେବ ଅଧିକାଂଶ ଲୋକଙ୍କ ଘରେ ଠିକ୍ ଭାବେ ଚୁଲି ଜଳି ନ ଥିବା ଭଳି ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ରାୟଗଡ଼ା ସହରରୁ ମାତ୍ର ଦୁଇ କିଲୋମିଟର ଦୂରରେ ଥିବା ମାରିଗୁଡ଼ା ଗ୍ରାମବାସୀଙ୍କ ମନରେ ଏବେ ଭୂତ ପ୍ରେତ ଡର ମାଡ଼ି ବସିଛି। ଗାଁର କିଛି ଯୁବକ ଆଉ ଯୁବତୀମାନେ ଭୂତକୁ ନେଇ ଛଟପଟ ହେଉଛନ୍ତି। ଗାଁ ଲୋକଙ୍କ କହିବା କଥା କେତେବେଳେ କାହା ଦେହରେ ମୃତକଙ୍କ ଆତ୍ମା ଘୁରି ବୁଲିଛି। ଅଚେତ ଲୋକଙ୍କ ବିଷୟରେ ଜାଣିବା ପାଇଁ ତାଙ୍କୁ ମାଡ଼ ବି ମରାଯାଉଛି।

ଗତ ୫ ମାସ ମଧ୍ୟରେ ଗାଁର ୫ ଜଣ କାଣ୍ଟି ତାଡିଙ୍ଗି, ବାବୁ ମାଣ୍ଡାଙ୍ଗି, କାମ୍ବଲା କିଲକା, ପୁଲାମେ ମାଣ୍ଡାଙ୍ଗି ଓ ପୁଲ ମାଣ୍ଡାଙ୍ଗି ମୃତ୍ୟୁବରଣ କରିବା ପରେ ଲୋକେ ଏବେ ଭୟରେ ଆତଙ୍କିତ ଅବସ୍ଥାରେ ଅଛନ୍ତି। ଗାଁର ଯୁବକମାନେ ଭୂତକୁ ତଡିବା ପାଇଁ ଠେଙ୍ଗାବାଡ଼ି ଧରି ରାତି ଅନିଦ୍ରା ହେଉଛନ୍ତି। ଜାନି ଦିସାରୀ ପୂଜା ପାଇଁ ପ୍ରାୟ ଦୁଇ ଲକ୍ଷ ଟଙ୍କା ଖର୍ଚ୍ଚ ହେବ ବୋଲି ଗ୍ରାମବାସୀ ବୈଠକ କରି ଗାଁରେ ଏବେ ଟଙ୍କା ଯୋଗାଡ଼ ଚାଲିଛି। ଲୋକଙ୍କ ମନରେ ଅନ୍ଧବିଶ୍ୱାସ ଏତେ ଭରିଛି ଯେ ବାହାର ଲୋକଙ୍କୁ ଗାଁକୁ ନ ଆସିବା ପାଇଁ ଜ୍ୟୋତି ବିଡିକା, କାମରାଜୁ ତାଡିଙ୍ଗିଙ୍କ ସହ ଅନ୍ୟ ଗ୍ରାମବାସୀ ମାନେ କହୁଛନ୍ତି। ମାରିଗୁଡ଼ା ଗାଁକୁ ଲାଗି ନାଗାବଳୀ ନଦୀ ପ୍ରବାହିତ ହେଉଥିବା ବେଳେ ନଦୀରେ ଏବେ ଆଡିବନ୍ଧ ନିର୍ମାଣ ଚାଲିଛି। ଲୋକଙ୍କ ବିଶ୍ୱାସ ଗାଁ ବାନ୍ଧିବାକୁ ପୂର୍ବପୁରୁଷ ମାନେ ନଦୀ ନିକଟରେ ପୂଜାର୍ଚ୍ଚନା କରି ଔଷଧ ପୋତିଥିଲେ। ହେଲେ ଏବେ ଜେସିବି ଲଗାଇ ଆଡିବନ୍ଧ ନିର୍ମାଣ ଚାଲିଥିବା ବେଳେ ଉକ୍ତ ସ୍ଥାନକୁ ସଂପୂର୍ଣ୍ଣ ଭଙ୍ଗାଯାଉଛି। ଯାହାଫଳରେ ପ୍ରେତାତ୍ମା ଗୁଡ଼ିକ ବୁଲିବା ସହ ଗୋଟିଏ ପରେ ଗୋଟିଏ ମୁଣ୍ଡ ନେଉଛି। ତେବେ ଗାଁ ବାନ୍ଧିବାକୁ ହେଲେ ଦିସାରୀ ପୂଜାର ଆବଶ୍ୟକତା ରହିଛି ବୋଲି ଏହି ଲୋକମାନେ ଭାବିବା ସହ ଗାଁରେ ପୂଜା କରିବାକୁ ଏକ ପୂଜାରୀ ମଧ୍ୟ ଠିକ୍ କରିଛନ୍ତି ବୋଲି ଗ୍ରାମର ପଙ୍କଜ ବିଡିକା, ସଲମନ ରେଡ୍ଡୀ ପ୍ରମୁଖ କହିଛନ୍ତି। ଗାଁ ମଙ୍ଗଳ ପାଇଁ ପୂଜାର୍ଚ୍ଚନା କରି ବନ୍ଧା ଯାଇଥିବା ବନ୍ଧନ ଫିଟିଯିବା ପରେ ଗାଁର ଲୋକେ ମୃତ୍ୟୁବରଣ କରୁଥିବା ନେଇ ଅନ୍ଧ ବିଶ୍ୱାସକୁ ବିଶ୍ୱାସ କରି ଗାଁ ଲୋକେ କହୁଥିବା ବେଳେ ଗ୍ରାମବାସୀଙ୍କୁ ସଚେତନର ଆବଶ୍ୟକତା ରହିଛି ବୋଲି ବୁଦ୍ଧିଜୀବୀ ମତ ରଖିଛନ୍ତି।

# ଜମ୍ବୁ-ମାର୍ଶାଘାଇ ରାସ୍ତା ହେବ ଦୋହରୀକରଣ : ନିର୍ମାଣ ହେବ ନୂଆ ଏୟାର ଷ୍ଟ୍ରିପ୍



**ମହାକାଳପଡ଼ା, ନ୍ୟୁଜ୍‌ବ୍ୟୁରୋ**

କେନ୍ଦ୍ରାପଡ଼ା ଜିଲା ମାର୍ଶାଘାଇ-ଜମ୍ବୁ ରାସ୍ତାର ଉନ୍ନତି ଓ ପ୍ରଶସ୍ତୀକରଣ ପ୍ରକଳ୍ପ ନିମନ୍ତେ ମହାକାଳପଡ଼ା ତହସିଲ ଅନ୍ତର୍ଗତ ଦୁଇଟି ଗ୍ରାମ ତଥା ଚଢ଼େଇଗୁଆଁ ଓ ମହାକାଳପଡ଼ା ରାଜସ୍ୱ ଗ୍ରାମର ପ୍ରସ୍ତାବିତ ୦.୯୮୯୦ ଏକର ଘରୋଇ ଜମି ଅଧିଗ୍ରହଣର ଏକ ଜନ ଶୁଣାଣି ମହାକାଳପଡ଼ା ପଞ୍ଚାୟତ ଅଫିସ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଉକ୍ତ ଦୁଇଟି ଗ୍ରାମରେ ଜମି ହରାଇବାକୁ ଥିବା ୫୦ରୁ ଉର୍ଦ୍ଧ୍ୱ ବ୍ୟକ୍ତି ଯୋଗଦେଇ ନିଜ ନିଜର ମତ ରଖିଥିଲେ। ରାଜ୍ୟ ସରକାରଙ୍କ ଜମି ଅଧିଗ୍ରହଣ ଆଇନ ୨୦୧୩ ଓ ନିର୍ଦ୍ଧାରିତ ନିୟମ ଅନୁସାରେ କ୍ଷତିଗ୍ରସ୍ତ ଘରୋଇ ଜମି ମାଲିକମାନଙ୍କୁ ଉପଯୁକ୍ତ କ୍ଷତିପୂରଣ ଅର୍ଥ ପ୍ରଦାନ କରାଯିବ ବୋଲି ଜିଲା ପ୍ରଶାସନ ପକ୍ଷରୁ କୁହାଯାଇଛି। ତେଣେ ରାସ୍ତା ପାଇଁ ଆଗାମୀ ଦିନରେ ୧୧ ଗ୍ରାମର ଘରୋଇ ଜମି ଅଧିଗ୍ରହଣ କରାଯିବ ବୋଲି ଜିଲ୍ଲା ପ୍ରଶାସନ ପକ୍ଷରୁ କୁହାଯାଇଛି।

ଅଦ୍ୟାବଧି ଜମ୍ବୁ-ମାର୍ଶାଘାଇ ନୂତନ ରାସ୍ତା ନିର୍ମାଣ ଦ୍ରୁତଗତିରେ ଚାଲିଛି। ଏହାର ଦକ୍ଷିଣ ପାର୍ଶ୍ୱରେ ଆଉ ଏକ ନୂଆ ଦୋହରୀକରଣ ରାସ୍ତା ତିଆରି ପାଇଁ ରାଜ୍ୟ ପୂର୍ତ୍ତ ବିଭାଗ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ଏହି କାର୍ଯ୍ୟ ସମ୍ପୂର୍ଣ୍ଣ ହେଲେ ମହାକାଳପଡ଼ା ଉପକୂଳ ଅଞ୍ଚଳରେ ଶିଳ୍ପ ପ୍ରତିଷ୍ଠା ପାଇଁ ନୂଆ ସମୀକରଣ ସୃଷ୍ଟି ହୋଇପାରିବ ବୋଲି ସ୍ଥାନୀୟ ଲୋକମାନେ କହିଛନ୍ତି। ଅପର ପକ୍ଷରେ ଏହି ଅଞ୍ଚଳର ବିକାଶ ପାଇଁ ରାଜ୍ୟ ସରକାର ବ୍ଲୁ ପ୍ରିଣ୍ଟ ପ୍ରସ୍ତୁତ କରୁଛନ୍ତି।

ଏହି ଜନ ଶୁଣାଣି ଭୂ-ଅର୍ଜନ ବିଭାଗ ଓ ଜିଲ୍ଲା ପ୍ରଶାସନ ପକ୍ଷରୁ ପରିଚାଳିତ କରାଯାଇଥିଲା। ଜିଲ୍ଲା ପ୍ରଶାସନ ପକ୍ଷରୁ ଅତିରିକ୍ତ ଜିଲ୍ଲାପାଳ (ପ୍ରଶାସନ) ରବୀନ୍ଦ୍ର କୁମାର ମଲିକ, ଜିଲ୍ଲା ଭୂ-ଅର୍ଜନ ଅଧିକାରୀ ଅମରେଶ ସାହୁ, ସର୍ଭେ ଅଧିକାରୀ ସୀମାଞ୍ଚଳ ପଣ୍ଡା, ମହାକାଳପଡା ପୂର୍ତ୍ତ ବିଭାଗ ଏସ୍‌ଡିଓ ଦୈତାରୀ ଟୁଡୁ, ଦେବାଶିଷ ସାମଲ ଓ ମହାକାଳପଡା ସରପଞ୍ଚ ରତିକାନ୍ତ ପଣ୍ଡାଙ୍କ ସମେତ ଘରୋଇ ଜମି ମାଲିକମାନଙ୍କ ମଧ୍ୟରେ ସାରଦା ପ୍ରସାଦ ଚୌଧୁରୀ, ସରୋଜ କୁମାର ପଣ୍ଡା, ଶିବ ପ୍ରସାଦ ଚୌଧୁରୀ, ଶୈଳେନ୍ଦ୍ର ଚୌଧୁରୀ, ନଗେନ୍ଦ୍ର ଚୌଧୁରୀ, ସୌଭାଗ୍ୟ ବାହାଲିଆ, ରାଜେନ୍ଦ୍ର ଚୌଧୁରୀ, ସଞ୍ଜୟ କୁମାର ଚୌଧୁରୀ, ଗୋକୁଳି ସେଠୀ ଓ ଚିତ୍ତ ରଞ୍ଜନ ବାହାଲିଆଙ୍କ ସହିତ ଅନ୍ୟ ଚାଷୀମାନେ ଯୋଗଦେଇ ନିଜ ନିଜର ବକ୍ତବ୍ୟ ରଖିଥିଲେ। ଏ ସମ୍ପର୍କରେ ଅତିରିକ୍ତ ଜିଲ୍ଲାପାଳ ରବୀନ୍ଦ୍ର କୁମାର ମଲିକଙ୍କୁ ପଚାରିବାରେ ଏହି ଅଞ୍ଚଳ ଭବିଷ୍ୟତ ଉନ୍ନତି ପାଇଁ ପ୍ରଶାସନ ପକ୍ଷରୁ ସମସ୍ତ ସହଯୋଗ ଯୋଗାଇ ଦିଆଯାଉଛି। ଆଉ ଏକ ନୂଆ ଏୟାର ଷ୍ଟ୍ରିପ୍ ନିର୍ମାଣ ପ୍ରସ୍ତାବ ରହିଛି ବୋଲି କହିଛନ୍ତି।

# ନାନା ସମସ୍ୟା ଦେଇ ଗତି କରୁଛି ବଳରାମପୁର ଗାଁ



**ଗଞ୍ଜାମ, ନ୍ୟୁଜ୍‌ବ୍ୟୁରୋ**

ଗଞ୍ଜାମ ବ୍ଲକ ଖଣ୍ଡଦେଉଳି ପଞ୍ଚାୟତ ବଳରାମପୁର ଗ୍ରାମ ବିଭିନ୍ନ ସମସ୍ୟା ଦେଇ ଗତି କରୁଛି। ରାସ୍ତାଘାଟଠାରୁ ଆରମ୍ଭ କରି ବହୁ କ୍ଷେତ୍ରରେ ଅବହେଳିତ ହୋଇରହିଛି। ଏହି ଗ୍ରାମରେ ୭ରୁ ୮ଟି ସାହିରେ ପ୍ରାୟ ୪୦୦ରୁ ଉର୍ଦ୍ଧ୍ୱ ପରିବାର ବାସ କରୁଛନ୍ତି। ରାସ୍ତା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇ ପଡ଼ିଥିବାବେଳେ ବର୍ତ୍ତମାନ ରାସ୍ତା ମରାମତି କାର୍ଯ୍ୟ ଚାଲିଛି। ଗ୍ରାମ ପ୍ରବେଶଠାରୁ ଶେଷ ପର୍ଯ୍ୟନ୍ତ ନୂତନ ରାସ୍ତା ନିର୍ମାଣ କାର୍ଯ୍ୟ ଚାଲିଛି। ନୂତନ ରାସ୍ତାରେ ଅଧିକ ଡଷ୍ଟ ଯୋଗୁ ଘରଦ୍ୱାର ଅଳିଆ ହେଉଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଅନ୍ୟପଟେ ଆଉ ମାତ୍ର ଦିନ କେଇଟା ପରେ ପ୍ରସିଦ୍ଧ ପଞ୍ଚୁଦୋଳ ଯାତ୍ରା ଅନୁଷ୍ଠିତ ହେବ। ହଜାର ହଜାର ଲୋକ ଯାତ୍ରା ଦେଖିବାକୁ ଆସିବେ। ଏଣୁ ଯୁଦ୍ଧକାଳୀନ ଭିତ୍ତିରେ ରାସ୍ତା ନିର୍ମାଣ କାର୍ଯ୍ୟ ଶୀଘ୍ର ସାରିବାକୁ ଗ୍ରାମବାସୀ ଦାବି କରିଛନ୍ତି। ଏହା ସହ ଉକ୍ତ ଗ୍ରାମରେ ଦୁଇଟି ଅଙ୍ଗନୱାଡି କେନ୍ଦ୍ର ଏବଂ ଜଗନ୍ନାଥ ପ୍ରାଥମିକ ବିଦ୍ୟାଳୟ ଓ ବଳରାମପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଦୁଇଟି ସ୍କୁଲ ରହିଛି। କିନ୍ତୁ ସ୍କୁଲ ମଧ୍ୟ ଅବ୍ୟବସ୍ଥା ମଧ୍ୟରେ ଥିବା ଦେଖିବାକୁ ମିଳିଛି। ପ୍ରତି ବର୍ଷ ଉକ୍ତ ଗ୍ରାମରେ ଶ୍ରୀଗୁଣ୍ଡିଚା ଦିନ ଜଗନ୍ନାଥଙ୍କ ପୂଜା ଯଥା ରୀତିନୀତି ଅନୁଯାୟୀ ରଥଯାତ୍ରା ଅନୁଷ୍ଠିତ ହୋଇଆସୁଛି। ଜିଲ୍ଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ବିଭିନ୍ନ ସମସ୍ୟା ସମାଧାନ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।

# କୋରାପୁଟ ଜିଲ୍ଲାରେ ହଜିଗଲେଣି ଦେଶୀ ଚଢ଼େଇ, ଶୁଭୁନି କଳରବ



**ଜୟପୁର, ନ୍ୟୁଜ୍‌ବ୍ୟୁରୋ**

କୋରାପୁଟ ଜିଲାରେ ଧୀରେ ଧୀରେ ଜଙ୍ଗଲ ସହ ହଜି ଗଲେଣି ଦେଶୀ ଚଢେଇ, ଆଉ ଶୁଭୁନି କଳରବ। ସକାଳ ହେଲେ କାଉଙ୍କ କା' କା' ରାବ ଶୁଣି ନିଦ ଭାଙ୍ଗିଯାଉଥିଲା। ଗାଁଠୁ ସହର ପର୍ଯ୍ୟନ୍ତ ସବୁଠି କାଉଙ୍କ ରାବ ଶୁଣିବାକୁ ମିଳୁଥିଲା। ହେଲେ ସମୟ ବଦଳିଯାଇଛି। ଆଉ କାଉ ରାବୁନି, କା'କା' କାନକୁ ବାଜୁନି। କାଉର କଳରବ ବଦଳରେ ଏବେ ମୋବାଇଲ ଆଲାରାମ୍, ଗୀତ ଶୁଣିବାକୁ ମିଳୁଛି। କେବଳ କାଉ ନୁହନ୍ତି, ଘରଚଟିଆ, ଚିଲ, ଶାଗୁଣା, ବଣି, କୁଣ୍ଡାଖିଆ, ହଳଦିବସନ୍ତ, ଗେଣ୍ଡାଳିଆ, ଶୁଆ, ଶାରୀ, ଟିଆ, କଜଳପାତି ଭଳି ପକ୍ଷୀ ଏବେ ଜନମାନସରୁ ହଜିଗଲେଣି। ପ୍ରକୃତିର ସାଥୀ ଶାଗୁଣା ବଂଶ ଲୋପ ପାଇଯାଇଥିଲେ। ଏବେ କେବଳ ପାରା, କାଉ, ଘର ଚଟିଆକୁ ଛାଡ଼ିଦେଲେ କୋରାପୁଟ ଜିଲ୍ଲାରେ ଅନ୍ୟ ଚଢେଇଙ୍କୁ ଖୋଜିଲେ ବି ଦେଖାଯାଉ ନାହିଁ। କୋରାପୁଟ ଜିଲ୍ଲା ଗଳିକନ୍ଦିରେ ବହୁ ସଂଖ୍ୟାରେ କାଉଙ୍କୁ ଦେଖିବାକୁ ମିଳୁଥିଲା। ହୋଟେଲ, ମନ୍ଦିର, ବଜାର, ଆମିଷ ମାର୍କେଟ୍, ଡମ୍ପିଂୟାର୍ଡ ଆଦି ସ୍ଥାନରେ ଦଳ ଦଳ କାଉ ଉଡୁଥିଲେ। ମାତ୍ର କାଁଭାଁ କେଉଁଠି ଆମିଷ ବଜାରରେ ଉଡୁଛନ୍ତି। କାଉ ଭଳି ୯୦ ଦଶକରେ କୋରାପୁଟ ଜିଲାରେ ବହୁଳ ଭାବେ ଘରଚଟିଆ ଦେଖିବାକୁ ମିଳୁଥିଲା। ସେମାନେ ଦିନତମାମ ବୁଲିବୁଲି ଖାଦ୍ୟ ସଂଗ୍ରହ କରି ସନ୍ଧ୍ୟା ହେଲେ ପୁଣି ନିଜ ନିଜ ବସାକୁ ଫେରିଯାଉଥିଲେ। ହେଲେ କୋରାପୁଟ ଜିଲାରେ ଏବେ ବୃକ୍ଷରାଜି କମ୍ କଂକ୍ରିଟ୍ ଓ ସୁଉଚ୍ଚ ଅଟ୍ଟାଳିକା ଛିଡ଼ା ହୋଇଛି। ରାସ୍ତା ଓ ଘର ତିଆରି ପାଇଁ ଗଛ କଟା ଚାଲିଛି। ଫଳରେ ଘରଚଟିଆଙ୍କ ସମେତ କାଉ, ବଣି, ଚିଲମାନେ ଆଉ ରହିବାକୁ ସ୍ଥାନ ପାଉନାହାନ୍ତି। ମାଟି ଉପରେ ପେଭର ବ୍ଲକ ବିଛାଇବାରୁ ମାଟିରୁ ଉତ୍ପନ୍ନ ଛୋଟଛୋଟ ପୋକ ଓ ଜିଆମାନେ ଲୋପ ପାଇଗଲେ। ଖାଦ୍ୟ ନମିଳିବା ଓ ଥଣ୍ଡା ପରିବେଶର ଅଭାବରୁ ଦେଶୀପକ୍ଷୀ ଜନମାନସରୁ ଲୋପ ପାଇ ଯିବା ଅନ୍ୟ ଏକ କାରଣ। ସେହିପରି କ୍ଷେତରେ କୀଟନାଶକର ପ୍ରୟୋଗ ହେବାରୁ କୀଟଙ୍କ ସଂଖ୍ୟା କମିଗଲା। ଡ୍ରେନ ମଧ୍ୟରୁ ଚଢେଇ ଖାଦ୍ୟ ସଂଗ୍ରହ କରି ଶାବକଙ୍କୁ ଖୁଆଉଥିଲେ। ଡ୍ରେନ ଉପରେ ଢାଙ୍କୁଣି ଘୋଡ଼ାଇ ଦିଆଯାଉଥିବାରୁ ଖାଦ୍ୟ ସଂଗ୍ରହ କରିବା ପକ୍ଷୀଙ୍କ ପକ୍ଷେ କଷ୍ଟ। ଖାଦ୍ୟ ନପାଇବାରୁ ପକ୍ଷୀମାନେ ସହର ଛାଡି ଗାଁ କିମ୍ବା ଜଙ୍ଗଲକୁ ପଳାଉଛନ୍ତି ବୋଲି ପକ୍ଷୀ ବିଶେଷଜ୍ଞ କହିଛନ୍ତି। ଜୟପୁର ବାସୀଙ୍କ ସୂଚନା ଅନୁଯାୟୀ, ପିଲାବେଳେ ଆମେ ଯେଉଁ ଚଢେଇ ଦେଖୁଥିଲୁ ଏବେ ତାହା ଆଉ ନାହାନ୍ତି। ଘର ଉପରେ ଚାଉଳ, ଚୁଡ଼ା, ନଡ଼ିଆ ପାତି କି ସୋରିଷ ଶୁଖୁଥିଲେ ଶୁଆ, ଟିଆ, ବଣି, କାଉ ଆଦି ଆସି ଖାଉଥିଲେ। ସେମାନଙ୍କୁ ଦେଖି ମଜା ଲାଗୁଥିଲା। ଘରେ ଶ୍ରାଦ୍ଧ ହେଲେ କାଉକୁ ଖାଇବାକୁ ଦିଆଯାଉଥିଲା। ହେଲେ ଏବେ କାଉକୁ ଖୋଜୁଛୁ। ଶିକାରୀମାନେ ବହୁଳଭାବେ ବଗ, ଗେଣ୍ଡାଳିଆ ଆଦି ଶିକାର କରୁଛନ୍ତି। କାଉ, ଚିଲ ଭଳି ଅନେକ ଚଢେଇ ଅଛନ୍ତି, ଆମେ ଭାବୁଛୁ ସେସବୁ କମିଗଲେଣି। ମାତ୍ର ସେମାନେ ଅଛନ୍ତି। ଏବେ ଯେଉଁ ସହରୀକରଣ ହେଉଛି, ସେଥିପାଇଁ ଅଳିଆ ଆବର୍ଜନାକୁ ପୌରସଂସ୍ଥା ଟ୍ରିଟମେଣ୍ଟ କରୁଛି। ତେଣୁ କାଉକୁ ଆଉ ଖାଦ୍ୟ ମିଳୁନି। ଯେଉଁଠି ଖାଦ୍ୟ ମିଳୁଛି ସେମାନେ ସେଠାକୁ ଯାଉଛନ୍ତି। ତେଣୁ ଆଖି ଆଗରେ ଦେଖାଯାଉନାହାନ୍ତି। ୱାଇଲ୍ଡଲାଇଫ୍ ପ୍ରୋଟେକ୍‌ସନ୍ ଆକ୍ଟ-୧୯୭୨ ଅନୁସାରେ ପକ୍ଷୀଙ୍କୁ ସୁରକ୍ଷା ଦିଆଯାଉଥିଲା। ହେଲେ ସଂଶୋଧନ ଆକ୍ଟରେ କାଉ ଓ ପାରାକୁ ବାଦ୍ ଦିଆଯାଇଛି। ସେମାନଙ୍କୁ ଆଉ ସୁରକ୍ଷା ଦିଆଯାଉନି। ତେଣୁ ଏଥିପ୍ରତି ସମସ୍ତେ ଯତ୍ନବାନ ହେବା ଜରୁରୀ ହୋଇପଡିଛି। ନଚେତ୍ ଆଗାମୀ ଦିନରେ ପରିବେଶ ବିଗିଡ଼ିବା ସହ ପରିସ୍ଥିତି ଜଟିଳ ହେବା ଆଶଙ୍କା ଦେଖାଯାଇଛି।

ସମ୍ପାଦକୀୟ
32 YEARS
ସମ୍ବାଦ କଳିକା

# ଗ୍ରାଉଣ୍ଡ ଅପରେସନର ପ୍ରସ୍ତୁତିରେ ଆମେରିକା

ଇରାନ ବିରୋଧରେ ଆମେରିକା ଓ ଇସ୍ରାଏଲର ଯୁଦ୍ଧ ଏବେସୁଦ୍ଧା ମିସାଇଲ ଓ ଡ୍ରୋନ୍ସ ଦ୍ୱାରା ଚାଲିଛି। କିନ୍ତୁ ଏବେ ଖବର ଆସୁଛି ଯେ, ଆମେରିକା ଇରାନ ବିରୋଧରେ ଗ୍ରାଉଣ୍ଡ ଅପରେସନର ପ୍ରସ୍ତୁତରେ ଅଛି। ହେଲେ ଏବେ ଏହା ସୀମିତି ସ୍ତରରେ ହେବ। ଅନେକ ରିପୋର୍ଟରେ ଦାବି କରାଯାଉଛି ଯେ, ଆମେରିକାରେ ଏହିପରି ଚର୍ଚ୍ଚା ଆରମ୍ଭ ହୋଇ ସାରିଛି। ଆମେରିକୀୟ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଇରାନରେ ଅଳ୍ପ ସଂଖ୍ୟାରେ ଆମେରିକୀୟ ସୈନିକଙ୍କ ମୁତୟନ ଉପରେ ସନ୍ତୁଷ୍ଟି ଦେଖାଇଛନ୍ତି। କୁହାଯାଉଛି ଯେ, ସ୍ଥଳ ସେନା ଅଭିଯାନ ଚଳାଇ ଆମେରିକା ଇରାନର ନ୍ୟୁକ୍ଲିୟର ଘାଟିକୁ ଦଖଲ କରିବାର ପ୍ରସ୍ତୁତିରେ ଅଛି। ସ୍ଥିତି ଉପରେ ନଜର ରଖିଥିବା ଲୋକଙ୍କ ଅନୁସାରେ ଏନବିସି ନ୍ୟୁଜ୍ ଏହି ଖବର ପ୍ରକାଶିତ କରିଛି। ରିପୋର୍ଟ ଅନୁସାରେ , ହ୍ୱାଇଟ୍ ହାଉସ ବାହାରେ ଟ୍ରମ୍ପଙ୍କ ଘନିଷ୍ଠ ଗ୍ରୁପ୍ ଓ ରିପବ୍ଲିକାନ ସହଯୋଗୀଙ୍କ ସହ ଆଲୋଚନା ହୋଇଛି। ଏଥିରେ ବଡ଼ ସ୍ତରରେ ଆକ୍ରମଣର ସ୍ଥାନ , ସୈନିକଙ୍କ ସୀମିତ ମୁତୟନ ଉପରେ ଧ୍ୟାନ ଦିଆ ଯାଇଛି। ଏଥିରେ ସୈନିକଙ୍କ ସୀମିତ ରୂପେ ରଣନୀତି କରି ମୁତୟନ କରାଯାଇ ପାରେ। ଏକ ଅଲଗା ରିପୋର୍ଟରେ, ଆକ୍ସିଓସ୍ କହିଛି ଯେ, ଆମେରିକା ଓ ଇସ୍ରାଏଲ ଯୁଦ୍ଧ ପରର ପର୍ଯ୍ୟାୟରେ ଇରାନରେ ବିଶେଷ ବାହିନୀ ପଠାଇବାର ସମ୍ଭାବନା ଉପରେ ଆଲୋଚନା କରିଛନ୍ତି, ଯାହାକି ୟୁରେନିୟମର ଭଣ୍ଡାରକୁ ସୁରକ୍ଷିତ କରାଯାଇ ପାରିବ। ଉଲ୍ଲେଖନୀୟ ଯେ, ଆମେରିକୀୟ ଅଧିକାରୀଙ୍କ ମଧ୍ୟରେ ଗୋଟିଏ ମୁଖ୍ୟ ଚିନ୍ତା ଇରାନର ଅତ୍ୟଧିକ ସମୃଦ୍ଧ ୟୁରେନିୟମର ଭଣ୍ଡାରକୁ ନେଇ। ଏହାର ଆନୁମାନିକ ଓଜନ ପ୍ରାୟ ୪୫୦ କିଲୋଗ୍ରାମ୍ ଏବଂ ଏହା ପ୍ରାୟ ୬୦ ପ୍ରତିଶତ ଶୁଦ୍ଧ। ଯଦି ଏହାକୁ ଆହୁରି ସମୃଦ୍ଧ କରାଯାଏ ତ କିଛି ସପ୍ତାହରେ ଏହି ଅସ୍ତ୍ର-ଗ୍ରେଡ୍ ୟୁରେନିୟମରେ ବଦଳି ପାରେ। ରିପୋର୍ଟ ଅନୁସାରେ , ଟ୍ରମ୍ପ ପ୍ରଶାସନ ଦୁଇଟି ସମ୍ଭାବିତ ବିକଳ୍ପର ସମୀକ୍ଷା କରିଛନ୍ତି। ହୁଏତ ଇରାନରୁ ୟୁରେନିୟମକୁ ସଂପୂର୍ଣ୍ଣ ରୂପେ ହଟେଇବା କିମ୍ବା ସାଇଟ୍‌ରେ ଏହାକୁ ପତଳା କରିବା ପାଇଁ ପରମାଣୁ ବିଶେଷଜ୍ଞଙ୍କୁ ପଠାଇବା।

# ଖାଡି ଦେଶମାନଙ୍କରେ ଯୁଦ୍ଧ ପରିସ୍ଥିତି ଓ ବିଶ୍ୱ ସୁରକ୍ଷା



ଡକ୍ଟର ଅମୂଲ୍ୟ କୁମାର ପଣ୍ଡା
ଅରଙ୍ଗାବାଦ, ବରୀ, ଯାଜପୁର
ମୋ - ୮୨୪୯୫୦୨୭୭୬

ଖାଡି ଦେଶମାନେ ବିଶ୍ୱ ରାଜନୀତି ଓ ଆର୍ଥିକ ବ୍ୟବସ୍ଥାରେ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଅଞ୍ଚଳ ଭାବେ ପରିଚିତ। ସାଉଦି ଆରବ, କତାର, କୁଏତ, ବାହାରିନ, ଓମାନ ଓ ଯୁକ୍ତ ଆରବ ଏମିରେଟ୍ସ ମିଶି ଯେଉଁ ଅଞ୍ଚଳ ଗଠିତ ହୋଇଛି, ସେଥିକୁ ଖାଡି ଦେଶ କୁହାଯାଏ। ଏହି ଅଞ୍ଚଳ ତେଲ ଓ ଗ୍ୟାସ ସମ୍ପଦରେ ସମୃଦ୍ଧ ହେବା ସହିତ ବିଶ୍ୱ ଉର୍ଜା ବଜାରର ମୁଖ୍ୟ କେନ୍ଦ୍ର। କିନ୍ତୁ ସମ୍ପ୍ରତି ବର୍ଷଗୁଡ଼ିକରେ ଏହି ଅଞ୍ଚଳରେ ରାଜନୈତିକ ଟଣାଟଣି ଓ ସାମରିକ ସଂଘର୍ଷ ଦ୍ରୁତ ଭାବରେ ବଢ଼ିଛି। ୨୦୨୬ ମସିହାରେ ଇରାନ, ଇସ୍ରାଏଲ ଓ ଯୁକ୍ତରାଷ୍ଟ୍ର ମଧ୍ୟରେ ଆରମ୍ଭ ହୋଇଥିବା ଯୁଦ୍ଧ ଦେଶଗୁଡ଼ିକୁ ମଧ୍ୟ ପ୍ରଭାବିତ କରୁଛି। ଏହି ସଂଘର୍ଷର ଫଳରେ ଖାଡି ଅଞ୍ଚଳରେ ସୁରକ୍ଷା ସମସ୍ୟା, ଆର୍ଥିକ ଅସ୍ଥିରତା ଓ ମାନବିକ ସଂକଟ ଦେଖାଯାଉଛି। ଖାଡି ଅଞ୍ଚଳର ଅସ୍ଥିରତାର ପ୍ରମୁଖ କାରଣ ହେଉଛି ମଧ୍ୟପ୍ରାଚ୍ୟର ଦୀର୍ଘଦିନର ରାଜନୈତିକ ବିବାଦ। ଇରାନ ଓ ଇସ୍ରାଏଲ ମଧ୍ୟରେ ଦୀର୍ଘ ସମୟ ଧରି ଦ୍ୱନ୍ଦ୍ୱ ରହିଛି। ଏହା ସହିତ ଯୁକ୍ତରାଷ୍ଟ୍ର ଇସ୍ରାଏଲର ମୁଖ୍ୟ ସମର୍ଥକ ଭାବେ ଇରାନ ବିରୋଧରେ ନୀତି ଗ୍ରହଣ କରିଥାଏ। ୨୦୨୬ ଫେବୃଆରୀରେ ଯୁକ୍ତରାଷ୍ଟ୍ର ଓ ଇସ୍ରାଏଲ ଇରାନର କିଛି ସାମରିକ ଓ ପରମାଣୁ ସଂସ୍ଥାପନା ଉପରେ ଆକ୍ରମଣ କରିଥିଲେ। ଏହାର ପ୍ରତିକ୍ରିୟାରେ ଇରାନ ମିସାଇଲ ଓ ଡ୍ରୋନ ଆକ୍ରମଣ ଆରମ୍ଭ କରିଥିଲା। ଏହି ଯୁଦ୍ଧ ପ୍ରଥମେ ଇରାନ ଓ ଇସ୍ରାଏଲ ମଧ୍ୟରେ ଆରମ୍ଭ ହେଲେ ମଧ୍ୟ ଶୀଘ୍ର ଭାବେ ଖାଡି ଦେଶମାନଙ୍କୁ ମଧ୍ୟ ଆକ୍ରମଣର ଲକ୍ଷ୍ୟ କରାଗଲା।

ଯୁଦ୍ଧ ଆରମ୍ଭ ପରେ ଇରାନ ଖାଡି ଅଞ୍ଚଳର ଅନେକ ଦେଶ ଉପରେ ମିସାଇଲ ଓ ଡ୍ରୋନ ଆକ୍ରମଣ କରି ଚାଲିଛି। ଯୁକ୍ତ ଆରବ ଏମିରେଟ୍ସ ଉପରେ ହୋଇଥିବା ଆକ୍ରମଣରେ ଅନେକ ମିସାଇଲ ଓ ଡ୍ରୋନ ବ୍ୟବହୃତ ହୋଇଛି। ଏହି ଆକ୍ରମଣରେ ଅନେକ ଲୋକ ଆହତ ହେବା ସହିତ କିଛି ଲୋକ ମୃତ୍ୟୁ ବରଣ କରିଛନ୍ତି । ଏହା ଛଡ଼ା କତାର, ବାହାରିନ ଓ ଓମାନ ମଧ୍ୟ ଆକ୍ରମଣର ସମ୍ମୁଖୀନ ହୋଇଛନ୍ତି। କତାରରେ ମିସାଇଲ ଆକ୍ରମଣ ହେତୁ ଦୋହା ବିମାନବନ୍ଦର କିଛି ସମୟ ପାଇଁ ବନ୍ଦ ହୋଇଥିଲା ଏବଂ କେତେକ ନାଗରିକ ଆହତ ହୋଇଥିଲେ । ବାହାରିନରେ ଯୁକ୍ତରାଷ୍ଟ୍ର ନେଭିର ଫିଫଥ ଫ୍ଲିଟ୍ ମୁଖ୍ୟାଳୟ ନିକଟରେ ମିସାଇଲ ଆକ୍ରମଣ ହୋଇଥିଲା ଏବଂ ଏହାରେ ଏକ ଶ୍ରମିକ ମୃତ୍ୟୁ ବରଣ କରିଥିଲେ। ଓମାନର କିଛି ବନ୍ଦର ଓ ତେଲ ଟ୍ୟାଙ୍କର ଉପରେ ମଧ୍ୟ ଡ୍ରୋନ ଆକ୍ରମଣ ହୋଇଛି। ଏହା ଦେଖାଯାଉଛି ଯେ ଯୁଦ୍ଧର ପ୍ରଭାବ ଏକ ଦେଶରେ ସୀମିତ ରହିନଥାଇ ସମଗ୍ର ଖାଡି ଅଞ୍ଚଳକୁ ପ୍ରଭାବିତ କରୁଛି। ସମ୍ପ୍ରତି



ଯୁଦ୍ଧର ଏକ ଭୟଙ୍କର ପରିଣାମ ହେଉଛି ଗୁରୁତ୍ୱପୂର୍ଣ୍ଣ ସଂସ୍ଥାପନା ଉପରେ ଆକ୍ରମଣ। ତେଲ କ୍ଷେତ୍ର, ବିମାନବନ୍ଦର, ବନ୍ଦର ଓ ଜଳ ଶୋଧନ କାରଖାନା ମଧ୍ୟ ଲକ୍ଷ୍ୟ ହେଉଛି। ଏହା ସହିତ ବାହାରିନର ଜଳ ଶୋଧନ କାରଖାନା ଉପରେ ଡ୍ରୋନ ଆକ୍ରମଣ ମଧ୍ୟ ହୋଇଛି, ଯାହା ଦେଶର ପାଣି ସରବରାହକୁ ବଡ଼ ସମସ୍ୟାରେ ପକାଇପାରେ। ଖାଡି ଅଞ୍ଚଳର ଅନେକ ଦେଶ ପାଣି ପାଇଁ ସମୁଦ୍ରଜଳ ଶୋଧନ କାରଖାନା ଉପରେ ନିର୍ଭର କରେ। ଏହି କାରଖାନାଗୁଡ଼ିକ ନଷ୍ଟ ହେଲେ ଲକ୍ଷାଧିକ ଲୋକଙ୍କ ପାଇଁ ପାଣି ସଂକଟ ସୃଷ୍ଟି ହୋଇପାରେ। ଖାଡି ଦେଶମାନେ ବିଶ୍ୱର ସର୍ବାଧିକ ତେଲ ଉତ୍ପାଦନ କରୁଥିବା ଅଞ୍ଚଳ। ଯୁଦ୍ଧର ପ୍ରଭାବରେ ତେଲ ବଜାରରେ ମଧ୍ୟ ଅସ୍ଥିରତା ଦେଖାଯାଉଛି। ଯଦି ଏହି ଯୁଦ୍ଧ ଦୀର୍ଘ ସମୟ ଚାଲିଥାଏ, ତେବେ ବିଶ୍ୱ ତେଲ ଦର ବହୁତ ବଢ଼ିପାରେ। ଏହା ଭାରତ ସହିତ ଅନେକ ଦେଶର ଅର୍ଥନୀତିକୁ ପ୍ରଭାବିତ କରିପାରେ। ଖାଡି ଅଞ୍ଚଳରେ ହଜାର ହଜାର ଭାରତୀୟ ଶ୍ରମିକ କାମ କରୁଛନ୍ତି। ଯୁଦ୍ଧ ହେଲେ ସେମାନଙ୍କର ସୁରକ୍ଷା ନେଇ ଚିନ୍ତା ବଢ଼ିଯାଏ। ଏହି ଯୁଦ୍ଧକୁ ନେଇ ବିଶ୍ୱର ଅନେକ ଦେଶ ଚିନ୍ତା ପ୍ରକାଶ କରିଛନ୍ତି। କିଛି ଇଉରୋପୀୟ ନେତାମାନେ କହିଛନ୍ତି ଯେ ଏହି ସାମରିକ କାର୍ଯ୍ୟକଳାପ ଆନ୍ତର୍ଜାତୀୟ ଆଇନକୁ ଉଲଂଘନ କରୁଛି। ଜାତିସଂଘ ମଧ୍ୟ ସମସ୍ତ ପକ୍ଷକୁ ଯୁଦ୍ଧ ବନ୍ଦ କରି ଆଲୋଚନା ମାଧ୍ୟମରେ ସମସ୍ୟା ସମାଧାନ କରିବାକୁ ଅନୁରୋଧ କରିଛି। ଖାଡି ଦେଶମାନେ ସିଧାସିଧା ଯୁଦ୍ଧରେ ଜଡିତ ହେବାକୁ ଇଚ୍ଛା କରୁନାହାନ୍ତି। ସେମାନେ ଆର୍ଥିକ ଉନ୍ନତି ଓ ଅଞ୍ଚଳୀୟ ଶାନ୍ତିକୁ ଅଧିକ ଗୁରୁତ୍ୱ ଦେଇଥାନ୍ତି। କିନ୍ତୁ ଯୁକ୍ତରାଷ୍ଟ୍ରର ସାମରିକ ଘାଟି ଏହି ଦେଶମାନେ ଥିବାରୁ ସେମାନେ ଆକ୍ରମଣର ଲକ୍ଷ୍ୟ ହେଉଛନ୍ତି। ଏହି ପରିସ୍ଥିତିରେ ସେମାନେ ନିଜ ସୁରକ୍ଷା ବୃଦ୍ଧି କରୁଛନ୍ତି ଏବଂ ଯୁଦ୍ଧକୁ ନିଜ ଭୂମିରୁ ଦୂରେ ରଖିବାକୁ ଚେଷ୍ଟା କରୁଛନ୍ତି।

ଯୁଦ୍ଧର ସବୁଠାରୁ ଖରାପ ପ୍ରଭାବ ସାଧାରଣ ଲୋକଙ୍କ ଉପରେ ପଡ଼ିଥାଏ ବୋଲି ସମସ୍ତେ ଜାଣିଛନ୍ତି । ଆମେରିକା ଛତ୍ରଛାୟା ତଳେ ଇସ୍ରାଏଲ ଇରାନ ଉପରେ ଭୀଷଣ ମିସାଇଲ ଆକ୍ରମଣ ଓ ବୋମାବର୍ଷା ଫଳରେ ଅନେକ ଲୋକ ମୃତ୍ୟୁ ବରଣ କରୁଛନ୍ତି ଓ ଅନେକ ଆହତ ହେଉଛନ୍ତି। ସହରଗୁଡ଼ିକରେ ଭୟର ପରିବେଶ ସୃଷ୍ଟି ହୋଇଛି। ଅନେକ ଲୋକ ନିଜ ଘର ଛାଡ଼ି ଅନ୍ୟ ସ୍ଥାନକୁ ଯାଉଛନ୍ତି। ଏହା ସହିତ ଯଦି ତେଲ ଓ ଜଳ ସଂସ୍ଥାପନା ନଷ୍ଟ ହୋଇଯାଏ, ତେବେ ଜୀବନ ଜୀବିକା ମଧ୍ୟ ଦୁର୍ବଳ ହୋଇଯିବ। ବର୍ତ୍ତମାନ ଯୁଦ୍ଧର ପରିସ୍ଥିତି ଅତ୍ୟନ୍ତ ଗମ୍ଭୀର। ଯଦି ଏହି ସଂଘର୍ଷ ଆହୁରି ବିସ୍ତାରିତ ହୁଏ, ତେବେ ସମଗ୍ର ମଧ୍ୟପ୍ରାଚ୍ୟ ଅଞ୍ଚଳ ଏକ ବଡ଼ ଯୁଦ୍ଧରେ ପରିଣତ ହୋଇପାରେ। ଏହା ବିଶ୍ୱ ଅର୍ଥନୀତି, ତେଲ ବଜାର ଓ ଆନ୍ତର୍ଜାତୀୟ ସୁରକ୍ଷାକୁ ଗଭୀର ପ୍ରଭାବ ପକାଇପାରେ। ଖାଡି ଦେଶମାନଙ୍କର ବର୍ତ୍ତମାନ ଯୁଦ୍ଧ ପରିସ୍ଥିତି ବିଶ୍ୱ ପାଇଁ ଏକ ଗମ୍ଭୀର ଚେତାବନୀ। ଏହି ଅଞ୍ଚଳରେ ଶାନ୍ତି ଭଙ୍ଗ ହେଲେ ତାହାର ପ୍ରଭାବ ସମଗ୍ର ବିଶ୍ୱ ଉପରେ ପଡ଼ିପାରେ। ସେହିପରି ଆନ୍ତର୍ଜାତୀୟ ସମୁଦାୟକୁ ଆଗକୁ ଆସି ଆଲୋଚନା ଓ କୂଟନୀତି ମାଧ୍ୟମରେ ଏହି ସଂଘର୍ଷର ସମାଧାନ କରିବା ଆବଶ୍ୟକ। ଶାନ୍ତି ଓ ସହଯୋଗ ମାଧ୍ୟମରେ ମାତ୍ର ଖାଡି ଅଞ୍ଚଳରେ ସ୍ଥିରତା ଓ ସୁରକ୍ଷା ସ୍ଥାପିତ ହୋଇପାରିବ।

# ଜନଭାବନାକୁ ଭ୍ରମିତ କରିବାର ପ୍ରବୃତ୍ତି ବଢ଼ିବାରେ ଲାଗିଛି



ଗୋପାଳ ମହାପାତ୍ର
ରାମଚନ୍ଦ୍ରପୁର, ରଣପୁର
ମୋ:
୯୪୩୮୪୮୫୦୯୪

ଦୁନିଆକୁ ବସୁଧୈବ 'କୁଟୁମ୍ବକମ୍'ର ସନ୍ଦେଶ ଦେଉଥିବା ଗଣତାନ୍ତ୍ରିକ ଦେଶ ଭାରତ ଏବେ ଜାତି, ଧର୍ମ ଏବଂ ଆଞ୍ଚଳିକ ଭାବନାକୁ ପ୍ରୋତ୍ସାହିତ କରୁଥିବା ବ୍ରିଟିଶ ଓ ମୋଗଲକାଳର ଶାସନ ସମୟର ଚକ୍ରବ୍ୟୁହରେ ଫସିଯାଇଛି। ଏହାଫଳରେ 'ସର୍ବେ ଭବନ୍ତୁ ସୁଖୀନଃ', ସର୍ବେ ସନ୍ତୁ ନିରାମୟା' ଭଳି ଭାରତୀୟ ମାନସିକତା ହଜିଯିବାକୁ ବସିଛି। ଏପରିକି ପ୍ରତିଭାଶାଳୀ ସବର୍ଣ୍ଣ ଜାତି ବିରୁଦ୍ଧରେ ଦେଶରେ ଯେଉଁ ପୂର୍ବାଗ୍ରହୀ ରାଜନୀତି କଥିତ ଦଳିତ ଓବିସି ନେତାଙ୍କ ପକ୍ଷରୁ ଆରମ୍ଭ ହୋଇଯାଇଛି ତାହା ଦେଶ ଓ ସମାଜ ଆଗରେ ଅନେକ ନୈତିକ ଏବଂ ବୈଧାନିକ ପ୍ରଶ୍ନ ଉଠାଇଛି। ଦୁର୍ଭାଗ୍ୟର କଥା ଯେ ଏବେ ସର୍ବଜନ ହିତାୟ, ସର୍ବଜନ ସୁଖାୟ ବଦଳରେ ବହୁଜନ ହିତାୟ ବହୁଜନ ସୁଖାୟର ସ୍ଲୋଗାନ ଆରମ୍ଭ ହୋଇଯାଇଛି। କେଉଁଠି ଜାତି ତ କେଉଁଠି ଧର୍ମ ଏବଂ କେଉଁଠି ଭାଷା ଓ ଆଞ୍ଚଳିକ ନାମରେ ଲୋକଙ୍କୁ ଉତ୍ପୀଡ଼ନ କରାଯାଉଛି। ପୁଣି ଆଉ କେଉଁଠି ସାମାଜିକ ନ୍ୟାୟ ଆଧାରିତ ସଂରକ୍ଷଣ ଏବଂ ସାମ୍ପ୍ରଦାୟିକ ବିଚାର ଆଧାରିତ ଅଳ୍ପ ସଂଖ୍ୟକବାଦର ଅବ୍ୟବହାରିକ ଯୁକ୍ତି/ପ୍ରସଙ୍ଗକୁ ପ୍ରୋତ୍ସାହିତ କରାଯାଇ ସାଧାରଣ ଲୋକଙ୍କୁ ଭ୍ରମିତ କରାଯାଉଛି। ଏଭଳି ଘଟଣା ପାଇଁ ଏଭଳି କରାଉଥିବା ନେତା ମଜାମାରୁଥିବା ବେଳେ ସାଧାରଣ ଲୋକେ ଭୀତତ୍ରସ୍ତ ଅବସ୍ଥାରେ ରହୁଛନ୍ତି। ଆମର ସମ୍ବିଧାନର ସଂରକ୍ଷକ ଅନର୍ଗଳ ଯୁକ୍ତି ଦର୍ଶାଇ ମାନବତାର ତଣ୍ଟି ଚିପିବାରେ ଲାଗିଛନ୍ତି। ଏହି ପ୍ରବୃତ୍ତି ମଧ୍ୟ କିଛି ସମ୍ବିଧାନ ନିର୍ମାତା (ସଂସଦ/ବିଧାନସଭାକୁ ନିର୍ବାଚିତ ପ୍ରତିନିଧି) ମାନଙ୍କ କାର୍ଯ୍ୟ ଓ ବ୍ୟବହାରରେ ଦେଖିବାକୁ ମିଳୁଛି। ଅନ୍ୟପକ୍ଷରେ ଦେଶର ଜନ ସାଧାରଣଙ୍କ ସୁରକ୍ଷା ଦାୟିତ୍ୱରେ ଥିବା ଲୋକେ ଜନ୍ମାନ୍ଧ 'ଧୃତରାଷ୍ଟ୍ର'ର ଭୂମିକା ନିର୍ବାହ କରୁଛନ୍ତି। ଏଭଳି ଧୃତରାଷ୍ଟ୍ର ସାଜିଥିବା ନେତାଙ୍କ କାରଣରୁ ୧୯୪୭ରେ ସାମ୍ପ୍ରଦାୟିକ ବିଭାଜନ ହୋଇଥିଲା ଓ ଦେଶ ସ୍ୱାଧିନ ହେବା ପରଠାରୁ ସେଇ ଷଡଯନ୍ତ୍ର ଚାଲିଛି। ଯଦି ଏମିତି ଜାରିରହେ ତେବେ ପୁଣି ଏକ ମହାଭାରତର ଆଶଙ୍କାକୁ ଏଡ଼ାଇ ଦିଆଯାଇ ନପାରେ।

ଇତିହାସ ହେଉଛି ମୂକସାକ୍ଷୀ ଯେ ଯେତେବେଳେ ମହାଭାରତ ହୁଏ ସେତେବେଳେ ସଂଖ୍ୟାବଳ ଅପେକ୍ଷା ବୁଦ୍ଧିବଳ ଭାରି ପଡ଼େ ଏବଂ ଆଗକୁ ମଧ୍ୟ ସେହିକଥା ହିଁ ହେବ। ଗଣତନ୍ତ୍ର ସ୍ୱତନ୍ତ୍ରତା, ସମାନତା ଓ ବନ୍ଧୁତ୍ୱର ମୂଳଦୁଆ ଉପରେ ମଜଭୁତ ଭାବେ ଠିଆ ହୋଇଥାଏ। କିନ୍ତୁ ଯେତେବେଳେ ବହୁମତର ରାଜନୀତି ରଙ୍ଗ ଦେଖାଇବା ଆରମ୍ଭ କରେ ଏବଂ ବାମପନ୍ଥୀଙ୍କ ବର୍ଗବାଦୀ ରାଜନୀତିକୁ ଚାଲେ କରିବା ପାଇଁ ପୁଞ୍ଜିବାଦୀ କେବଳ ଜାତି, ଧର୍ମ, ଭାଷା, ଅଞ୍ଚଳକୁ ନେଇ ରାଜନୀତି କରନ୍ତି ସେତେବେଳେ ଡ଼େରିରେ ହେଲେ ବି ରାଷ୍ଟ୍ରର ଅଧପତନ ସୁନିଶ୍ଚିତ ହୋଇଥାଏ। ଏଣୁ ଏସବୁ ଘଟଣାରେ ଯୋଡି ହୋଇଥିବା ରାଜନୀତି ଏବଂ ଏହାକୁ ପ୍ରୋତ୍ସାହିତ କରୁଥିବା ସାମ୍ବିଧାନିକ ପ୍ରାବଧାନକୁ ସମୟ ପୂର୍ବରୁ ବଦଳା ନଯାଏ ତେବେ ଏହାକୁ ନିୟନ୍ତ୍ରିତ କରିବା ସହଜ ନୁହେଁ। ଜାତିବାଦ ରପକ କ୍ୟାନସର, ସାଂପ୍ରଦାୟିକତା ରପି ଏସଡ୍ ବେମାରୀ ଏବଂ ଆଞ୍ଚଳିକ ବିଭେଦ ଭଳି ଟିବି ରୋଗ କାରଣରୁ ଶାନ୍ତିପ୍ରିୟ ଓ ସହନଶୀଳ ଭାରତୀୟ ସମାଜ କିଛି ଦଶନ୍ଧି ହେବ ଗ୍ରସିତ କିନ୍ତୁ ଏହାକୁ ଏକ ଆଇନଗତ ସ୍ୱରପ ଦେବା ପାଇଁ ଯେଉଁ ଉଦ୍ୟମ ଚାଲିଛି ତାହା ସ୍ଥିତିକୁ ଜଟିଳ କରିବାରେ ଲାଗିଛି। କୌଣସି ଗୋଷ୍ଠୀ/ସଂପ୍ରଦାୟର ଇତିହାସକୁ ସାକ୍ଷୀ ଭାବେ ଗ୍ରହଣ କରି ସେଇ ଗୋଷ୍ଠୀ/ ସଂପ୍ରଦାୟର ବର୍ତ୍ତମାନକୁ ରୋକିବାର ଯେଉଁ ରାଜନୈତିକ ପ୍ରବୃତ୍ତି ଏବେ ଦେଖାଦେଇଛି ସେଥିରୁ ସ୍ପଷ୍ଟ ଯେ ସବର୍ଣ୍ଣ/ ସାଧାରଣ ବର୍ଗଙ୍କ ଉପରେ ଥିବା ରୋଷ ବା ଦ୍ୱେଷ ସ୍ୱଷ୍ଟ ବାରି ହୋଇପଡୁଛି। ଏଣୁ ସମାବେଶୀ ସାମ୍ବିଧାନିକ ପ୍ରାବଧାନ, ହିଂସା- ପ୍ରତିହିଂସା ପାଇଁ ସମାନ ଆଇନ ଏପରିକି ସାମାଜିକ ସଚେତନତା ସୃଷ୍ଟି କରାଗଲେ ଏଭଳି ସମସ୍ୟାର ସମାଧାନ ସମ୍ଭବ ହୋଇପାରିବ। କିନ୍ତୁ ରାଜନୈତିକ ମାନସିକତା ଏହାର ସଂପୂର୍ଣ୍ଣ ବିପରୀତ। ରାଜନୀତି ଏବେ ବି ସେଇ ବ୍ରିଟିଶ ଶାସନ ଅମଳର 'ବିଭାଜନ କର ଓ ଶାସନ କର' ନୀତି ଉପରେ କେନ୍ଦ୍ରୀତ।

ପ୍ରଥମ କଥା ହେଉଛି ନିର୍ବାଚନ କମିଶନ ନେତାଙ୍କ ଭାଷଣ ଉପରେ ନଜର ରଖିବା ଆବଶ୍ୟକ ଓ ଭରତୀୟ ଦଣ୍ଡବିଧି ଆଇନ (ଆଇପିସି)ର ଧାରା-୧୫୩ କ (ଗୋଷ୍ଠୀ ମଧ୍ୟରେ ଶତୃତା ସୃଷ୍ଟି କରିବା) ଧାରା ୨୯୫କ (ଧାର୍ମିକ ଭାବନା ଉପରେ ଆଘାତ) ଏବଂ ପ୍ରତିନିଧିତ୍ୱ ଅଫ ପିପୁଲସ୍ ଆକ୍ଟର ଧାରା ୧୨୩ (୩) ଅନୁସାରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଉଚିତ୍ ଏଥିସହ ବର୍ତ୍ତମାନର ଆଇନ୍‌କୁ ଅଧିକ କଠୋର କରିବା ଉଚିତ୍ ଯେପରିକି ଘୃଣା ସୂଚକ ଭାଷା ପ୍ରୟୋଗ ପାଇଁ ତୁରନ୍ତ ଗିରଫ କରାଯିବା ଏବଂ ଘୃଣା ସୃଷ୍ଟି କରୁଥିବା ରାଜନୈତିକ ଦଳର ମାନ୍ୟତା ରଦ୍ଦ କରିବାର ପ୍ରାବଧାନକୁ ଯୋଡ଼ାଯିବା ଆବଶ୍ୟକ। ସଂସ୍ଥାଗତ ସୁଧାର ପାଇଁ ମଧ୍ୟ ପ୍ରଦକ୍ଷେପ ଗ୍ରହଣ କରିବାକୁ ପଡିବ। ରାଜନୈତିକ ଦଳମାନେ ପ୍ରାର୍ଥୀଙ୍କୁ ଦଳୀୟ ଟିକେଟ ଦେବାବେଳେ ଜାତି-ଧର୍ମ ଆଧାରିତ ସମୀକରଣରୁ ଉର୍ଦ୍ଧ୍ୱରେ ରହିବା ମଧ୍ୟ ଉଚିତ୍। ଫଳରେ ନିର୍ବାଚନ ବ୍ୟବସ୍ଥା ସୁଧୁରିବ ଏବଂ ଗଣତନ୍ତ୍ର ସୁନିଶ୍ଚିତ ହୋଇପାରିବ। ଏସବୁ ପରେ ସାମାଜିକ ଗଣ ମାଧ୍ୟମରେ ଘୃଣାସୃଷ୍ଟିକାରୀ ତଥ୍ୟର ପ୍ରଚାର ପ୍ରସାର ଉପରେ ଅଙ୍କୁଶ ଲଗାଯିବା ମଧ୍ୟ ସର୍ବାଦୌ ଆବଶ୍ୟକ। ସାମାଜିକ ପ୍ରୟାସ ଓ ଶିକ୍ଷା ବ୍ୟବସ୍ଥା ମଧ୍ୟ ଏଭଳି ସ୍ଥିତିକୁ ସୁଧାରିପାରିବ। ସବୁଠାରୁ ବଡ କଥା ହେଉଛି ଶିକ୍ଷା ପ୍ରଣାଳୀରେ ସମାବେଶୀ ପାଠ୍ୟକ୍ରମ ଲାଗୁ କରାଯାଇ ନୂଆ ପିଢୀଙ୍କୁ ଜାତି-ଧର୍ମର ଉର୍ଦ୍ଧ୍ୱରେ ରହିବାର ପ୍ରେରଣା ଦିଆଯାଇ ପାରିବ। ଧର୍ମଗୁରୁ ଏବଂ ସାମାଜିକ ବିଦ୍ୱେଷ ସୃଷ୍ଟି କରୁଥିବା ନେତାଙ୍କ ଉପରେ ମଧ୍ୟ ନଜର ରଖାଯିବା ଆବଶ୍ୟକ। ଭୋଟ ପ୍ରସଙ୍ଗରେ ସଚେତନତା ସୃଷ୍ଟି କରାଯିବାର ଆବଶ୍ୟକତା ରହିଛି। ଅନ୍ୟପକ୍ଷରେ ମାନ୍ୟବର ସୁପ୍ରିମ୍ କୋର୍ଟ କହିଛନ୍ତି ଯେ ରାଜନୈତିକ ନେତା ମାନେ ଦେଶରେ ଭାଇଚାରା ସୃଷ୍ଟି ପାଇଁ ଉଦ୍ୟମ କରିବା ଉଚିତ୍। ସୁପ୍ରିମ୍‌କୋର୍ଟର ବିଚାରପତି ଏକ ମାମଲାର ଶୁଣାଣୀ ବେଳେ ସ୍ପଷ୍ଟ ଭାବରେ କହିଛନ୍ତି ଯେ ରାଜନୈତିକ ନେତାମାନେ ଦେଶର ସାଂପ୍ରଦାୟିକ ମାହୋଲ ସୃଷ୍ଟି କରିବା ଉଚିତ୍ ନୁହେଁ। ମାନ୍ୟବର ବିଚାରପତି ସାମ୍ବିଧାନିକ ମୂଲ୍ୟର ଗୁରୁତ୍ୱ ଉପରେ ଜୋର ଦେଇଥିଲେ ଓ ରାଜନୈତିକ ଦଳ ମାନଙ୍କର ଉତ୍ତର ଦାୟିତ୍ୱ କଥା ମଧ୍ୟ କହିଥିଲେ। ସୁପ୍ରିମ୍‌କୋର୍ଟର ଅନ୍ୟତମ ବିଚାରପତି ବାଗ୍‌ଚୀ କହିଥିଲେ ଯେ ଘୃଣା ସୂଚକ ଭାଷଣକୁ ରୋକାଯିବା ଉଚିତ୍। ମାନ୍ୟବର ସୁପ୍ରିମ୍ କୋର୍ଟ ଜାତିଗତ ଓ ସାମାଜିକ ପରିସ୍ଥିତି ପାଇଁ କ୍ଷୋଭ ପ୍ରକାଶ କରିଛନ୍ତି। ଘୃଣାତ୍ମକ ଭାଷଣ ପ୍ରସଙ୍ଗରେ ସରକାର ସ୍ପଷ୍ଟ ଦିଶା ନିର୍ଦ୍ଦେଶ ଜାରି କରାଇବା ମଧ୍ୟ ଉଚିତ୍।

# ଓଡ଼ିଶା ସରକାର ଓ ଏଡ୍‌ସ ନିୟନ୍ତ୍ରଣ



ସତୀଶ ବିଶ୍ୱାଳ
ସଭାପତି, ଓଡିଶା ରାଜ୍ୟ ଏଡ୍‌ସ ନିୟନ୍ତ୍ରଣ କର୍ମଚାରୀ କଲ୍ୟାଣ ସଂଘ,
ମୋ-୯୪୩୭୦୧୯୧୧୭

ଓଡ଼ିଶାରେ ପ୍ରତି ହଜାରେ ପ୍ରାପ୍ତ ବୟସ୍କ ମହିଳାଙ୍କ ମଧ୍ୟରୁ ଦୁଇଜଣ ଯୌନକର୍ମୀ କିମ୍ବା ଦେହଜୀବି ଅଛନ୍ତି। ପ୍ରାୟ ୮୮.୬ ପ୍ରତିଶତ ଘର କିମ୍ବା ରାସ୍ତା ସ୍ଥାନ ଭଳି ହଟସ୍ପଟ ମାଧ୍ୟମରେ କାର୍ଯ୍ୟ କରନ୍ତି। ୪ ପ୍ରତିଶତ କେବଳ ନେଟୱାର୍କ ଅପରେଟରଙ୍କ ସହିତ ଲିଙ୍କ ହୋଇଛନ୍ତି ଏବଂ ଲିଙ୍କ ୱାର୍କର ସ୍କିମ (ଏଲ ଡବଲ୍ୟୁ ଏସ) ଅଧୀନରେ ଗ୍ରାମାଞ୍ଚଳରେ ୭.୪ ପ୍ରତିଶତ ମହିଳା ଯୌନକର୍ମୀ ରହିଛନ୍ତି। ଓଡ଼ିଶାରେ ୧୦ ଟି ଜିଲ୍ଲାରେ ୧୦୦୦ ରୁ ୨୫୦୦ ମଧ୍ୟରେ ମହିଳା ଯୌନକର୍ମୀ ରହିଛନ୍ତି। ସେହିପରି ୧୧ ଟି ଜିଲ୍ଲାରେ ସେମାନଙ୍କ ସଂଖ୍ୟା ୫୦୦ ରୁ ୧୦୦୦ ପର୍ଯ୍ୟନ୍ତ ରହିଛି। ମହିଳା ଯୌନକର୍ମୀ ଏବଂ ପୁରୁଷ ମାନଙ୍କ ସହିତ ଯୌନ ସମ୍ପର୍କ ରଖୁଥିବା ପୁରୁଷ ଉଭୟଙ୍କ ସର୍ବାଧିକ ସଂଖ୍ୟା ଥିବା ଦେଶର ୧୨ ଟି ରାଜ୍ୟ ମଧ୍ୟରେ ଓଡିଶାକୁ ସ୍ଥାନିତ କରାଯାଇଛି। ଜାତୀୟ ଏଡ୍‌ସ ନିୟନ୍ତ୍ରଣ ସଂଗଠନ (ନାକୋ) ଦ୍ୱାରା ୨୦୨୨ ମସିହାରେ କରାଯାଇ ଥିବା ପ୍ରୋଗ୍ରାମାଟିକ୍ ମ୍ୟାପିଂ ଏବଂ ଜନସଂଖ୍ୟା ଆକାର ଆକଳନ ନିଷ୍କର୍ଷ ଅନୁଯାୟୀ ଏହି ତଥ୍ୟ ପ୍ରକାଶ ପାଇଛି। ଏହା ଜର୍ଣ୍ଣାଲ ପିଏଲଓଏସ ଗ୍ଲୋବାଲ ପବ୍ଲିକ ହେଲଥର ସଂଖ୍ୟାରେ ପ୍ରକାଶିତ ହୋଇଛି। ଜାତୀୟ ଏଡ୍‌ସ ନିୟନ୍ତ୍ରଣ ସଂଗଠନ (ନାକୋ)ର ତଥ୍ୟ ଅନୁଯାୟୀ, ଯୌନକର୍ମୀ ମାନଙ୍କ ପାଇଁ ଓଡିଶାରେ ୨,୧୧୩ ଟି ହଟସ୍ପଟ ଏବଂ ୧୯୦ ନେଟୱାର୍କ ଅପରେଟର ରହିଛି। ହଟସ୍ପଟ ମଧ୍ୟରେ ଦେହଜୀବିଙ୍କ ବାସସ୍ଥାନ, ଲଜ, ହୋଟେଲ, ରାସ୍ତା, ରେଳଷ୍ଟେସନ, ବସଷ୍ଟାଣ୍ଡ, ପାର୍କ, ବଜାର, ବ୍ରିଜତଳ, ରାଜପଥ, ସ୍ପା ଏବଂ ପରିତ୍ୟକ୍ତ ଅଂଚଳ ଅନ୍ତର୍ଭୁକ୍ତ। ହେଲେ ନିକଟ ଅତୀତରେ ରାଜ୍ୟ ସରକାର ବିଧାନସଭାରେ ପ୍ରଦାନ କରିଥିବା ତଥ୍ୟ ଅନୁସାରେ ଓଡିଶାରେ ୩୩,୫୧୫ ଜଣ ଏଡ୍‌ସ ରୋଗୀ ଚିହ୍ନଟ ହୋଇଛନ୍ତି। ସର୍ବାଧିକ ଏଡ୍‌ସ ଆକ୍ରାନ୍ତ ରୋଗୀ ଗଞ୍ଜାମ ଜିଲ୍ଲାରେ ରହିଥିବା ବେଳେ ଏହା ପଛକୁ କଟକ ପରି ଗୁରୁତ୍ୱପୂର୍ଣ୍ଣ ଜିଲ୍ଲା ରହିଛି। ପରବର୍ତ୍ତି କ୍ରମାନ୍ୱୟରେ କୋରାପୁଟ, ସମ୍ବଲପୁର, ଖୋର୍ଦ୍ଧା, ଅନୁଗୁଳ ଓ ବାଲେଶ୍ୱର ପରି ଜିଲ୍ଲା ରହିଛି। ଏହି ପ୍ରସଙ୍ଗ ସହ ବିଶ୍ୱର ସବୁଠାରୁ ଭୟାବହ ରୋଗ 'ଏଡସ'ର ସମ୍ପର୍କ ଅତି ନିବିଡ। ଗର୍ଭସ୍ଥ ଶିଶୁଠାରୁ ବୃଦ୍ଧ ପର୍ଯ୍ୟନ୍ତ ସମସ୍ତଙ୍କୁ ଏହି ଏଡ୍‌ସ ଭୟ ରହିଛି। ମଙ୍ଗଳ ଗ୍ରହରେ ଚାଷ କରିବାକୁ ସ୍ୱପ୍ନ ଦେଖୁଥିବା ବୈଜ୍ଞାନିକ ମାନେ ଏଡ୍‌ସ ନିରାକରଣ ପାଇଁ ଅଦ୍ୟାବଧି ଔଷଧ ଆବିଷ୍କାର କରିପାରି ନାହାନ୍ତି। ଗତ ଦୁଇ ଦଶନ୍ଧି ଧରି ଏଡ୍‌ସ ବିଶ୍ୱବାସୀଙ୍କୁ ଚିନ୍ତାରେ ପକାଇଥିଲେ ମଧ୍ୟ ବ୍ୟାପକ ସଚେତନତା ଓ ପ୍ରତିଷେଧକ ବ୍ୟବସ୍ଥା ପାଇଁ ଏହାକୁ ନିୟନ୍ତ୍ରଣ କରାଯାଇଛି। ଏବେ ଆମ ରାଜ୍ୟରେ ଏଡ୍‌ସ ସଂକ୍ରମଣ ନିୟନ୍ତ୍ରଣାଧୀନ ହେବା ସହ ଏଚ.ଆଇ.ଭି ସଂକ୍ରମିତ ବ୍ୟକ୍ତିମାନେ ବିଶେଷ ଗୁଣାତ୍ମକ ଜୀବନ ଧାରଣ କରି ପାରୁଛନ୍ତି। ଓଡିଶା ରାଜ୍ୟ ଏଡସ ନିୟନ୍ତ୍ରଣ ସମିତି (ଓସାକ୍ସ) ର ତୃଣମୂଳ ସ୍ତରରେ ଏ କ୍ଷେତ୍ରରେ ରାଜ୍ୟରେ କାର୍ଯ୍ୟରତ ଠିକା କର୍ମଚାରୀ ମାନଙ୍କ ନିଷ୍ଠା ଓ କର୍ତ୍ତବ୍ୟ ପରାୟଣତା ପାଇଁ ଏହା ସମ୍ଭବ ହେବା ସହ ଓଡିଶା ଜାତୀୟ ସ୍ତରରେ ସମ୍ମାନୀତ ହୋଇ ରାଜ୍ୟର ଗରିମା ବଢାଇଛି। ହେଲେ ଓଡିଶା ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟ କରୁଥିବା ଏହି କର୍ମଚାରୀ ମାନେ ଚରମ ଦୁର୍ଦ୍ଦଶାରେ ସମସ୍ତ ପ୍ରକାର ସୁବିଧା ଓ ସୁଯୋଗରୁ ବଂଚିତ ହୋଇ ଦୟନୀୟ ଜୀବନ ବିତାଉଛନ୍ତି।

ଆମ ରାଜ୍ୟରେ ଏଚ.ଆଇ.ଭି / ଏଡସ ସଂକ୍ରମଣକୁ ପ୍ରତିରୋଧ କରିବା ପାଇଁ ତଥା ଏଚ.ଆଇ.ଭି ସଂକ୍ରମିତ ବ୍ୟକ୍ତି ବିଶେଷ ମାନଙ୍କୁ ବିଶେଷ ସାମାଜିକ ଏବଂ ସ୍ୱାସ୍ଥ୍ୟଗତ ସେବା ପ୍ରଦାନ କରିବା ପାଇଁ ୧୯୯୨ ମସିହାରେ ଜାତୀୟ ଏଡ୍‌ସ ନିୟନ୍ତ୍ରଣ କାର୍ଯ୍ୟକ୍ରମ ଓଡିଶା ସରକାରଙ୍କର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଅଧୀନରେ ସର୍ବପ୍ରଥମେ କାର୍ଯ୍ୟକ୍ଷମ ହୋଇଥିଲା। ୧୯୯୬ ମସିହା ଠାରୁ ୨୦୦୪ ମସିହା ପର୍ଯ୍ୟନ୍ତ ଏହା 'ରାଜ୍ୟ ଏଡ୍‌ସ ସେଲ' ଭାବରେ ନାମିତ ହୋଇଥିଲା। ପରବର୍ତ୍ତି ସମୟରେ ୨୦୦୪ ମସିହା ଠାରୁ ଏହା ଓଡିଶା ରାଜ୍ୟ ଏଡ୍‌ସ ନିୟନ୍ତ୍ରଣ ସମିତି(ଓସାକ୍ସ) ଭାବରେ ପୁନଃନାମିତ ହୋଇ କାର୍ଯ୍ୟ କରି ଆସୁଛି। ଓଡିଶା ସରକାରଙ୍କ ଅଧୀନରେ ଏହି ଓସାକ୍ସ ସର୍ବ ପୁରାତନ ସ୍ୱାସ୍ଥ୍ୟ ପ୍ରକଳ୍ପ। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଦ୍ୱାରା ନିଆଯାଇଥିବା ସମସ୍ତ ପ୍ରକାର କାର୍ଯ୍ୟକୁ ବର୍ଷ ବର୍ଷ ଧରି ଓସାକ୍ସର କ୍ଷେତ୍ରୀୟଠିକା କର୍ମଚାରୀମାନେ ନିଷ୍ଠାର ସହ କରି ପ୍ରଶଂସିତ ହୋଇଛନ୍ତି। ଏହି କର୍ମଚାରୀ ମାନେ ଏଚ.ଆଇ.ଭି ଏଡ୍‌ସ ସଂକ୍ରାନ୍ତିୟ ପରାମର୍ଶ, ରକ୍ତ ପରୀକ୍ଷା, ଔଷଧ ବିତରଣ, ମାତୃ ଓ ଶିଶୁ ସ୍ୱାସ୍ଥ୍ୟ ସୁରକ୍ଷା, ସାମାଜିକ ସୁରକ୍ଷା, ଆଇନଗତ ସହାୟତା ସହିତ ଉଚ୍ଚ ସମ୍ବେଦନଶୀଳ ଗୋଷ୍ଠୀ ଠାରୁ ଦାଦନ ଶ୍ରମିକ, ପରିବହନ କ୍ଷେତ୍ରରେ କାମ କରୁଥିବା ଲୋକଙ୍କ ସ୍ୱାସ୍ଥ୍ୟସେବା କାର୍ଯ୍ୟକ୍ରମରେ ବିଶେଷ ଭୂମିକା ରହିଛି। କରୋନା ମହାମାରୀ ସମୟରେ ରାସ୍ତାଘାଟ ଜନଶୂନ୍ୟ ଥିବାବେଳେ ଏହି କର୍ମଚାରୀ ମାନେ ଘର ଘର ବୁଲି ନିରନ୍ତର ସେବା ଯୋଗାଇଛନ୍ତି। ଏହି ସମିତି ଦୁଇ ପ୍ରକାରର କର୍ମଚାରୀ କାର୍ଯ୍ୟ କରିଥାନ୍ତି। ଉଚ୍ଚ ସ୍ତରୀୟପ୍ରକଳ୍ପ ନିର୍ଦ୍ଦେଶକ, ଯୁଗ୍ମ ନିର୍ଦ୍ଦେଶକ ଏବଂ ଏଷ୍ଟାବ୍ଲିସମେଣ୍ଟ ଅଧିକାରୀ ମାନେ ହେଉଛନ୍ତି ସଂପୂର୍ଣ୍ଣ ଭାବେ ସରକାରୀ ଅଧିକାରୀ ଏବଂ ଏମାନେ ରାଜ୍ୟ ସରକାରଙ୍କ ଦ୍ୱାରା ଦାୟୀତ୍ୱପ୍ରାପ୍ତ ହୋଇ ସମିତିର ଉଚ୍ଚସ୍ତରୀୟ ପଦାଧିକାରୀ ଭାବେ କାର୍ଯ୍ୟ କରିଥାନ୍ତି। ଅବଶିଷ୍ଟ ୪୬୮ ଜଣ ସ୍ୱଳ୍ପ ବେତନ ପ୍ରାପ୍ତ କର୍ମଚାରୀ ମାନେ ହେଉଛନ୍ତି ଉଚ୍ଚ ଶିକ୍ଷିତ ଠିକା କର୍ମଚାରୀ। ସରକାରଙ୍କର ନିର୍ଦ୍ଧାରିତ ବିଭିନ୍ନ ଲିଖିତ ଏବଂ ମୌଖିକ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ବହୁତ ଉଜ୍ଜ୍ୱଳ ଭବିଷ୍ୟତ ଆଶା ଓ ବିଶ୍ୱାସ ନେଇ ଏହି ସମିତିରେ ଯୋଗଦାନ କରିଥିଲେ। ଏହି କର୍ମଚାରୀ ମାନଙ୍କୁ ସରକାରଙ୍କ ତରଫରୁ ନ୍ୟସ୍ତ କରାଯାଉ ଥିବା ବିଭିନ୍ନ ସ୍ୱାସ୍ଥ୍ୟ ସମ୍ପର୍କିତ କାର୍ଯ୍ୟକ୍ରମ ବିନା ଦ୍ୱିଧାରେ ସଂକଳ୍ପବଦ୍ଧ ଭାବେ ସଂପୂର୍ଣ୍ଣ କରିଛନ୍ତି । କିନ୍ତୁ ଦୁଃଖ ଓ ପରିତାପର ବିଷୟ ଏହି କି ଯେ, ସମିତିର ଠିକା କର୍ମଚାରୀ ମାନେ ସ୍ୱଳ୍ପ ଦରମାରେ ଚୁକ୍ତି ଭିତ୍ତିକ ଠିକା କର୍ମଚାରୀ ଭାବରେ ବର୍ତ୍ତମାନ ଦୁର୍ଦ୍ଦିନ ମଧ୍ୟରେ ଜୀବନ ବିତାଉଛନ୍ତି। ଏପରିକି ସମସ୍ତ ପ୍ରକାର ସାମାଜିକ ସୁରକ୍ଷା ଯଥା ଇ.ପି.ଏଫ , ସ୍ୱାସ୍ଥ୍ୟବୀମା, ବରିଷ୍ଠତା ଭିତ୍ତିକ ଭତ୍ତା, ମୃତ୍ୟୁ କାଳୀନ ସହାୟତା ଏବଂ ସର୍ବୋପରି ଚାକିରୀ ନିୟମିତ କରଣରୁ ବଂଚିତ।

ଗତ ତା୦୫.୦୮.୧୯ ରିଖରେ ହାଇପାୱାର କମିଟି ନିଷ୍ପତ୍ତି ଅନୁସାରେ ଓସାକ୍ସର ୫୩ ଜଣ କର୍ମଚାରୀଙ୍କ ଚାକିରୀ ନିୟମିତକରଣ ହୋଇଛି। ଅବଶିଷ୍ଟ କର୍ମଚାରୀଙ୍କ କର୍ତ୍ତବ୍ୟ ପରାୟଣତା ଓ ଗୁରୁତ୍ୱକୁ ଉପଲବ୍ଧି କରି ସେମାନଙ୍କୁ ଆବଶ୍ୟକ ସୁବିଧା ଓ ସୁଯୋଗ ପ୍ରଦାନ ପାଇଁ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପତ୍ର ସଂଖ୍ୟା- ୨୯୯୩୮ ତା୦୫.୧୨.୨୦୨୩ ରାଜ୍ୟ ସରକାରଙ୍କୁ ପ୍ରଦାନ କରିଥିଲେ। ନିକଟ ଅତୀତରେ ବିଧାନସଭା ଗୃହ କମିଟି ସଂଖ୍ୟା ନଂ- ୫ ପ୍ରଥମ ସୁପାରିଶର ୩୦ ନମ୍ବର ପରିଚ୍ଛେଦରେ, ଏହି କର୍ମଚାରୀଙ୍କର ଦୁର୍ଦ୍ଦଶାକୁ ହୃଦୟଙ୍ଗମ କରି ସେମାନଙ୍କ ସମସ୍ୟା ପ୍ରତି ବିଶେଷ ଧ୍ୟାନ ଦେଇ, ସେମାନଙ୍କ ଚାକିରୀକୁ ନିୟମିତ କରଣ କରିବାକୁ ରାଜ୍ୟ ସରକାରଙ୍କୁ ସୁପାରିଶ କରିଥିଲେ। ଏଥିପାଇଁ ରାଜ୍ୟ ସରକାରଙ୍କୁ ଅଧିକ ଅର୍ଥବୋଝ ପଡିବ ନାହିଁ। ନାକୋ ତରଫରୁ ଦିଆଯାଉ ଥିବା ଦରମା ସହ ଆଉ କିଛି ଷ୍ଟେଟ ସେୟାର ପ୍ରଦାନ କରାଗଲେ ଏହା ସମ୍ଭବ ହେବ। ଓସାକ୍ସ କର୍ମଚାରୀଙ୍କ ଚାକିରି ନିୟମିତ କରଣ କରିବା ପ୍ରସଙ୍ଗରେ 'ନାକୋ' ମଧ୍ୟ 'ଏନଓସି' ପ୍ରଦାନ କରିଛନ୍ତି। ହେଲେ ଏହା ସମ୍ଭବ ହୋଇ ପାରୁନାହିଁ। ଗତ ତା୨୦.୦୮.୨୨ ରିଖରେ ନବୀନ ସରକାରରେ ତତ୍କାଳୀନ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଏବଂ ମୋହନ ସରକାରରେ ଗତ ୬ ଡିସେମ୍ବର, ୨୦୨୫ରେ ସ୍ୱାସ୍ଥ୍ୟ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଏସ ଅଗସ୍ତିଙ୍କ ଅଧ୍ୟକ୍ଷତାରେ ଏହି କର୍ମଚାରୀ ସଂଘ ଏବଂ ବିଭାଗୀୟ ଉଚ୍ଚ ଅଧିକାରୀଙ୍କ ମଧ୍ୟରେ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଥିଲା। ଚାକିରି ନିୟମିତ କରଣ ସହ ଇପିଏଫ, ସ୍ୱାସ୍ଥ୍ୟବୀମା, ମୃତ୍ୟୁ କାଳୀନ ସହାୟତା, ବରିଷ୍ଠତା ଭିତ୍ତିକ ପ୍ରୋତ୍ସାହନ ରାଶି ଓ ପଦୋନ୍ନତି, କରୋନା ମୃତ୍ୟୁ ସହାୟତା, କରୋନା ପ୍ରୋତ୍ସାହନ ରାଶି କେତେକ କର୍ମଚାରୀଙ୍କୁ ପ୍ରଦାନ କରାନଯିବା ନେଇ ଗୁରୁତ୍ୱର ସହ ଆଲୋଚନା ହୋଇ ଏହାର ସମାଧାନ ପାଇଁ ପ୍ରତିଶ୍ରୁତି ପ୍ରଦାନ କରାଯାଇଥିଲା। ହେଲେ ଏଭଳି ନ୍ୟାର୍ଯ୍ୟ ଦାବି ନେଇ କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନାହିଁ। ଇପିଏଫ, କରୋନା ପ୍ରୋତ୍ସାହନ ରାଶି ପରି ସାମାଜିକ ସୁରକ୍ଷା ଯୋଜନାରୁ ଅନେକ କର୍ମଚାରୀ ବଂଚିତ ହେବା ନେଇ କାହାକୁ ଉତ୍ତରଦାୟୀ ମଧ୍ୟ କରାଯାଉ ନାହିଁ। ରାଜ୍ୟ ସରକାର ବ୍ୟକ୍ତିଗତ ଅଂଶଧନ ଦେଇ ଜାତୀୟ ସ୍ୱାସ୍ଥ୍ୟ ମିଶନ (ଏନଏଚଏମ)ର କର୍ମଚାରୀଙ୍କ ଇପିଏଫ ପ୍ରଦାନ ଏବଂ ଆୟୁସ ଡାକ୍ତର ମାନଙ୍କ ଦରମା ବୃଦ୍ଧି ସ୍ୱାଗତଯୋଗ୍ୟ। ହେଲେ ଓସାକ୍ସ କର୍ମଚାରୀଙ୍କ କ୍ଷେତ୍ରରେ ରାଜ୍ୟ ସରକାର କିଛି ଷ୍ଟେଟ ସେୟାର କିମ୍ବା ଅଂଶଧନ ପ୍ରଦାନ କରି ଇପିଏଫ ପ୍ରଦାନ କରିବା ଭଳି ଛୋଟିଆ ପଦକ୍ଷେପଟିଏ ମଧ୍ୟ ନେଉ ନାହାନ୍ତି। କରୋନା ସମୟରେ ସ୍ୱାସ୍ଥ୍ୟସେବା କାର୍ଯ୍ୟରେ ଥାଇ ଓସାକ୍ସର ଠିକା କର୍ମଚାରୀ ମୃତ୍ୟୁ ବରଣ କରି ଗୋଟିଏ ଟଙ୍କା ସହାୟତା ନପାଇବା ମୃତ ପରିବାର ପ୍ରତି ଚରମ ଅବିବେକିତା। ଗୋଟିଏ ଜନମଙ୍ଗଳ ରାଷ୍ଟ୍ରରେ ସରକାରଙ୍କ ନିୟନ୍ତ୍ରଣାଧୀନ ସଂସ୍ଥାରେ କାର୍ଯ୍ୟରତ କର୍ମଚାରୀମାନେ କୌଣସି ପ୍ରକାର ସାମାଜିକ ସୁରକ୍ଷା ଯୋଜନାରେ ଉପକୃତ ହୋଇ ନପାରିବା ବ୍ୟବସ୍ଥାର ଅନ୍ଧାରୀ ଦିଗର ସଙ୍କେତ ହୋଇଛି। ଏଠାରେ ପ୍ରଶ୍ନ ଉଠେ, ଏହି କର୍ମଚାରୀ ମାନେ କଣ ସ୍ୱାସ୍ଥ୍ୟ ବିଭାଗର ବୈମାତୃକ ସନ୍ତାନ ? ଏମାନେ କେଉଁ ପାପର ଦଣ୍ଡ ଭୋଗୁଛନ୍ତି ? ଏମାନଙ୍କୁ ନ୍ୟାୟ ମିଳିବ କେବେ ? ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ ଉଭୟ ଓସାକ୍ସର ଠିକା କର୍ମଚାରୀଙ୍କ ନିଷ୍ଠା ନେଇ ଯଥେଷ୍ଟ ସଚେତନ ଥାଇ ମଧ୍ୟ ଏହି କର୍ମଚାରୀ ମାନେ ନ୍ୟାୟ ପାଇ ପାରୁ ନାହାନ୍ତି। ଆଶ୍ଚର୍ଯ୍ୟର କଥା ହେଉଛି ବିଶେଷ କରି କିଶୋର ଓ ନିଶାସକ୍ତ ଯୁବକ ମାନେ ଏଡ୍‌ସ ଫାସରେ ପଡୁଛନ୍ତି। ରାଜ୍ୟରେ ନିଶା କାରବାର ତାର କାୟା ବିସ୍ତାର କରିଛି। କେବଳ ଅନୈତିକ ଯୌନ ସମ୍ପର୍କ ପାଇଁ ନୁହେଁ ବରଂ ନିଶା ମଧ୍ୟ ଏଡସର ବାହକ ହେଲାଣି। ଏହାକୁ ଆଖି ଆଗରେ ରଖି କିଶୋରଙ୍କୁ ଏ ନେଇ ସଚେତନ କରିବା ଦିଗରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ହୁ) ଗୁରୁତ୍ୱାରୋପ କରିଛି। ଏହାକୁ ଦୃଷ୍ଟିରେ ରଖି ଓଡିଶା ରାଜ୍ୟକୁ ଏଡସ ନିୟନ୍ତ୍ରିତ ରାଜ୍ୟରେ ପରିଣତ କରିଥିବା ଏହି କର୍ମଚାରୀଙ୍କ ସମସ୍ୟା ନେଇ ସରକାର ଯତ୍ନବାନ ହେବା ଆବଶ୍ୟକ।

*Printed & Published by* **Basanti Roy** on behalf of **Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.**
Editor : **Jayasish Roy** E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022 ସମ୍ପାଦକ : ଜୟାଶୀଷ ରାୟ

## ସଞ୍ଜୁ ସାମସନଙ୍କୁ ମିଳିଲା ୨୧ ଲକ୍ଷ ଟଙ୍କାର ପୁରସ୍କାର ରାଶି




**ନୂଆଦିଲ୍ଲୀ**

ସଞ୍ଜୁ ସାମସନ ଟିମ୍ ଇଣ୍ଡିଆର ବିଶ୍ୱ ଚାମ୍ପିୟନ ମାନ୍ୟତାର କାହାଣୀ ଲେଖିଛନ୍ତି। ଏହି ସେହି ସାମସନ ଯିଏ ପ୍ରାରମ୍ଭିକ ମ୍ୟାଚ୍‌ରେ ପ୍ଲେଇଂ ଇଲେଭେନରେ ସ୍ଥାନ ପାଇବା ପାଇଁ ସଂଘର୍ଷ କରିଥିଲେ। କିନ୍ତୁ ସୁଯୋଗ ପାଇବା ମାତ୍ରେ ସେ ଭାରତକୁ ବିଶ୍ୱ ଚାମ୍ପିୟନ ମାନ୍ୟତା ପ୍ରଦାନ କରିଥିଲେ। ମାତ୍ର ପାଞ୍ଚଟି ବିଶ୍ୱକପ ମ୍ୟାଚ୍‌ରେ ୩୨୧ ରନ କରିଥିଲେ। ସେ ଲଗାତାର ତିନୋଟି ଅର୍ଦ୍ଧଶତକ ହାସଲ କରି ଇତିହାସ ମଧ୍ୟ ରଚିଥିଲେ। ଏହି ସ୍ମରଣୀୟ ପ୍ରଦର୍ଶନ ପାଇଁ ତାଙ୍କୁ ପ୍ଲେୟାର ଅଫ ଦ ଟୁର୍ଣ୍ଣାମେଣ୍ଟ ମଧ୍ୟ ମିଳିଥିଲା। ସଞ୍ଜୁ ସାମସନ ଜିମ୍ବାୱେ ବିପକ୍ଷ ମ୍ୟାଚ୍‌ରେ ପୁନରାଗମନ କରିଥିଲେ, ଯେଉଁଠାରେ ସେ ୨୪ ରନ କରି ଆଉଟ୍ ହୋଇଥିଲେ। ଯେତେବେଳେ ୱେଷ୍ଟଇଣ୍ଡିଜ ବିପକ୍ଷରେ କର ବା ମର ମ୍ୟାଚ୍‌ରେ କଥା ଆସିଲା, ସେ ଅପରାଜିତ ୯୭ ରନ କରିଥିଲେ। ତା'ପରେ ସେ ଇଂଲଣ୍ଡ ବିପକ୍ଷ ସେମିଫାଇନାଲରେ ୮୯ ଏବଂ ନ୍ୟୁଜିଲାଣ୍ଡ ବିପକ୍ଷରେ ଫାଇନାଲରେ ମଧ୍ୟ ୮୯ ରନ କରିଥିଲେ। ପ୍ଲେୟାର ଅଫ ଦ ଟୁର୍ଣ୍ଣାମେଣ୍ଟ ବିବେଚିତ ହେବା ପାଇଁ ସଞ୍ଜୁ ସାମସନଙ୍କୁ ପ୍ରାୟ ୨୧ ଲକ୍ଷ ପୁରସ୍କାର ରାଶି ମିଳିଥିଲା। ଫାଇନାଲରେ ଚାରୋଟି ଉଇକେଟ୍ ନେବା ପାଇଁ ଜସପ୍ରିତ ବୁମରାଙ୍କୁ ପ୍ଲେୟାର ଅଫ ଦ ମ୍ୟାଚ୍ ବିବେଚିତ କରାଯାଇଥିଲା। ବୁମରାଙ୍କୁ ପ୍ଲେୟାର ଅଫ ଦ ମ୍ୟାଚ ପାଇଁ ଅତିରିକ୍ତ ୮.୪ ଲକ୍ଷ ପୁରସ୍କାର ମିଳିଛି।

## ଟି-ଟ୍ୱେଣ୍ଟି ବିଶ୍ୱକପ ଜିତିବା ପରେ ବି ସୂର୍ଯ୍ୟଙ୍କ ଖୁଲାସା

# ମୋର ପରବର୍ତ୍ତୀ ଲକ୍ଷ୍ୟ ହେଉଛି ଅଲିମ୍ପିକ୍ସରେ ସ୍ୱର୍ଣ୍ଣ ଜିତିବା

**ନୂଆଦିଲ୍ଲୀ**

ଭାରତ ଚଳିତ ଟି-ଟ୍ୱେଣ୍ଟି ବିଶ୍ୱକପ ଫାଇନାଲରେ ନ୍ୟୁଜିଲାଣ୍ଡକୁ ୯୬ ରନରେ ହରାଇ ବିଶ୍ୱ ବିଜେତା ହୋଇଛି। ଏହା ସହିତ, ଟିମ୍ ଇଣ୍ଡିଆ ଲଗାତାର ଦ୍ୱିତୀୟ ଥର ପାଇଁ ଟାଇଟଲ୍ ଜିତିଛି ଏବଂ ଘରୋଇ ମାଟିରେ ଚାମ୍ପିଅନ୍ ହୋଇଥିବା ପ୍ରଥମ ଦଳ ହୋଇଛି। କେବଳ ଏତିକି ନୁହେଁ, ଟିମ୍ ଇଣ୍ଡିଆ ସର୍ବାଧିକ ଥର ପାଇଁ ଟି-ଟ୍ୱେଣ୍ଟି ବିଶ୍ୱକପ୍ ଜିତିବା ଦଳ ବି ହୋଇଛି। ଏହା ପୂର୍ବରୁ, ଧୋନିଙ୍କ ଅଧିନାୟକତ୍ୱରେ ଟିମ୍ ଇଣ୍ଡିଆ ପ୍ରଥମ ଥର ପାଇଁ ଚାମ୍ପିଅନ୍ ହୋଇଥିଲା। ଏହା ପରେ, ରୋହିତ ଶର୍ମାଙ୍କ ଅଧିନାୟକତ୍ୱରେ, ଦଳ ୨୦୨୪ ରେ ଟି-ଟ୍ୱେଣ୍ଟି ବିଶ୍ୱକପ୍ ଟାଇଟଲ୍ ଜିତିଥିଲା। ବର୍ତ୍ତମାନ, ସୂର୍ଯ୍ୟକୁମାର ଯାଦବଙ୍କ ଅଧିନାୟକତ୍ୱରେ, ଭାରତୀୟ ଦଳ ତୃତୀୟ ଥର ପାଇଁ ଚାମ୍ପିଅନ୍ ହୋଇ ଇତିହାସ ରଚିଛି। ବିଶ୍ୱକପ ଜିତିବା



ପରେ କ୍ୟାପ୍ଟେନ ସୂର୍ଯ୍ୟକୁମାରଙ୍କ ସ୍ୱପ୍ନ ସାକାର ହୋଇନାହିଁ। ତାଙ୍କର ଆଉ ଏକ ବଡ଼ ଲକ୍ଷ୍ୟ ରହିଛି।

ଅଧିନାୟକ ଭାବରେ ସୂର୍ଯ୍ୟଙ୍କର ଏହା ପ୍ରଥମ ଆଇସିସି ଟାଇଟଲ୍। ଟିମ୍ ଇଣ୍ଡିଆକୁ ବିଜୟୀ କରାଇବା ପରେ, ସୂର୍ଯ୍ୟକୁମାର ଯାଦବ ଏବେ ଆଉ ଏକ ପ୍ରମୁଖ ଲକ୍ଷ୍ୟ ଉପରେ ନଜର ରଖିଛନ୍ତି, ଯାହା ସେ ୨୦୨୬ ଟି୨୦ ବିଶ୍ୱକପ୍ ଜିତିବା ନେଇ ପ୍ରକାଶ କହିଛନ୍ତି। ବିଶ୍ୱକପ୍ ବିଜୟର ଉତ୍ସବ ପାଳନରେ ବୁଡ଼ି ରହିଥିବା ଭାରତୀୟ ଦଳର ଅଧିନାୟକ ସ୍ପଷ୍ଟ କରିଛନ୍ତି ଯେ, ତାଙ୍କର ପରବର୍ତ୍ତୀ ଲକ୍ଷ୍ୟ ହେଉଛି ଦେଶ ପାଇଁ ଅଲିମ୍ପିକ୍ ସ୍ୱର୍ଣ୍ଣ ପଦକ ଜିତିବା। ଅହମ୍ମଦାବାଦରେ ଫାଇନାଲ୍ ପରେ ସାମ୍ବାଦିକ ସମ୍ମିଳନୀରେ ସୂର୍ଯ୍ୟକୁମାର କହିଥିଲେ ଯେ ଗତ ମାସଟି ଦଳ ପାଇଁ ଏକ ବିଶେଷ ଯାତ୍ରା ଥିଲା। ସେ ସ୍ୱୀକାର କରିଛନ୍ତି ଯେ ଟୁର୍ଣ୍ଣାମେଣ୍ଟର ଆରମ୍ଭ ଦଳ ଆଶା କରିଥିବା ପରି ହୋଇନଥିଲା, କିନ୍ତୁ କ୍ରିକେଟରେ ଏପରି ଜିନିଷ ଖେଳର ଏକ ଅଂଶ।

ମ୍ୟାଚ୍ ଶେଷ ହେବା ପରେ ଅଧିନାୟକ ସୂର୍ଯ୍ୟକୁମାର କହିଥିଲେ, 'ମୋର ପରବର୍ତ୍ତୀ ଲକ୍ଷ୍ୟ ହେଉଛି ଅଲିମ୍ପିକ୍ସରେ ସ୍ୱର୍ଣ୍ଣ ଜିତିବା। ପୁଣି ତହିଁ ପରବର୍ଷ ଟି-ଟ୍ୱେଣ୍ଟି ବିଶ୍ୱକପ୍ ଜିତିବା। ଅନ୍ତର୍ଜାତୀୟ ଅଲିମ୍ପିକ୍ସ କମିଟି ୨୦୨୮ ଅଲିମ୍ପିକ୍ସରେ କ୍ରିକେଟକୁ ସାମିଲ କରିବାକୁ ଅନୁମୋଦନ କରିଛି। ଏହା ପୂର୍ବରୁ ୧୯୦୦ ପ୍ୟାରିସ୍ ଅଲିମ୍ପିକ୍ସରେ କେବଳ ଥରେ କ୍ରିକେଟ ଖେଳା ଯାଇଥିଲା। ୨୦୨୮ ଅଲିମ୍ପିକ୍ସରେ, ୧୪ ଜୁଲାଇରୁ ୨୯ ଜୁଲାଇ ମଧ୍ୟରେ ପୁରୁଷ ଏବଂ ମହିଳା ଉଭୟ ବର୍ଗରେ ଛଅଟି ଦଳ ପଦକ ପାଇଁ ପ୍ରତିଦ୍ୱନ୍ଦ୍ୱିତା କରିବେ। ବର୍ତ୍ତମାନ ଆଇସିସି ଟି-ଟ୍ୱେଣ୍ଟି ରାଙ୍କିଂ ଆଧାରରେ, ଏସିଆରୁ ଭାରତୀୟ ପୁରୁଷ ଏବଂ ମହିଳା ଉଭୟ ଦଳର ଯୋଗ୍ୟତା ଅର୍ଜନ କରିବାର ସମ୍ଭାବନା ରହିଛି।

## ଶ୍ରୀଲଙ୍କାର ମୁଖ୍ୟ ପ୍ରଶିକ୍ଷକ ଭାବରେ ଦାୟିତ୍ୱ ଗ୍ରହଣ କଲେ ଗ୍ୟାରି କର୍ଷ୍ଟେନ



**ନୂଆଦିଲ୍ଲୀ**

ଟି-୨୦ ବିଶ୍ୱକପ ସରିବା ମାତ୍ରେ ଭାରତ ସହ ସହଯୋଗୀ ଦଳ ଭାବେ ବିଶ୍ୱକପ ଆୟୋଜନ କରିଥିବା ଶ୍ରୀଲଙ୍କା ଦଳର ମୁଖ୍ୟ ପ୍ରଶିକ୍ଷକଙ୍କୁ ନିଯୁକ୍ତ କରିଛି। ଲିଗରେ ଦମ୍‌ଦାର ପ୍ରଦର୍ଶନ ପରେ ସୁପର-୮ରେ ନୈରାଶ୍ୟଜନକ ପ୍ରଦର୍ଶନ କରିଥିଲା ଶ୍ରୀଲଙ୍କା। ପୂର୍ବତନ ସିଂହଳୀ କ୍ରିକେଟର ଜୟସୁରିଆଙ୍କ ସ୍ଥାନ ନେବେ ଗ୍ୟାରି। ଯିଏକି ୨୦୧୧ ଦିନିକିଆ ବିଶ୍ୱକପରେ ଭାରତ ବିଜୟ ସମୟରେ କୋଚ ଦାୟିତ୍ୱରେ ଥିଲେ।

୨୦୨୮ ପର୍ଯ୍ୟନ୍ତ ଶ୍ରୀଲଙ୍କାର କୋଚ୍ ଭାବେ କାର୍ଯ୍ୟ କରିବେ। ସେ ଦୁଇବର୍ଷ ପାଇଁ ଚୁକ୍ତି କରିଛନ୍ତି। ଏହାର ଅର୍ଥ ହେଉଛି ୨୦୨୭ ଦିନିକିଆ ବିଶ୍ୱକପ ସମୟରେ ଗୁରୁ ଦାୟିତ୍ୱ ବହନ କରିବେ। ସେପଟେ ଗ୍ୟାରିଙ୍କ ସମ୍ପର୍କରେ ଯଦି କହିବା ତା'ହେଲେ ୨୦୨୬ ଟି-୨୦ ବିଶ୍ୱକପ ସମୟରେ ସେ ନାମିବିୟା ଦଳ ସହ ରହିଥିଲେ। ସେ ନାମିବିୟା ଦଳର ପରାମର୍ଶଦାତା ଭାବେ ଦାୟିତ୍ୱ ତୁଲାଇଥିଲେ। ପୂର୍ବରୁ ଭାରତର ମୁଖ୍ୟ ପ୍ରଶିକ୍ଷକ ଦାୟିତ୍ୱ ନେଇଛନ୍ତି। ଏହାପରେ ପାକିସ୍ତାନର ମୁଖ୍ୟ ପ୍ରଶିକ୍ଷକ ହୋଇଥିଲେ। ମାତ୍ର ପିସିବିରେ ମତଭେଦ ପାଇଁ ସେ ଦାୟିତ୍ୱ ଛାଡ଼ିଥିଲେ।

ଗ୍ୟାରି କର୍ଷ୍ଟେନଙ୍କ କ୍ରିକେଟ କ୍ୟାରିୟର ବିଷୟରେ କହିବାକୁ ଗଲେ, ସେ ପ୍ରଥମ ଶ୍ରେଣୀ ଏବଂ ଲିଷ୍ଟ ଏ ସମେତ ୫୦୦ ରୁ ଅଧିକ ମ୍ୟାଚ୍ ଖେଳିଛନ୍ତି, ଯେଉଁଥିରେ ସେ ୬୪ ଶତକ ସହିତ ୨୬୦୦୦ରୁ ଅଧିକ ରନ୍ କରିଛନ୍ତି। ଶ୍ରୀଲଙ୍କାର ମୁଖ୍ୟ ପ୍ରଶିକ୍ଷକ ଭାବରେ ଦାୟିତ୍ୱ ଗ୍ରହଣ କରିବା ପରେ, ଗ୍ୟାରି କର୍ଷ୍ଟେନଙ୍କ ପାଇଁ ସବୁଠାରୁ ବଡ଼ ଚ୍ୟାଲେଞ୍ଜ ହେବ ଦଳକୁ ଦକ୍ଷିଣ ଆଫ୍ରିକା, ଜିମ୍ବାୱେ ଏବଂ ନାମିବିଆରେ ଅନୁଷ୍ଠିତ ହେବାକୁ ଥିବା ୨୦୨୭ ଓଡିଆଇ ବିଶ୍ୱକପରେ ସିଧାସଳଖ ସ୍ଥାନ ପାଇବା।

## ଆଫ୍ରିଦ୍ କହିଲେ ନ୍ୟୁଜିଲାଣ୍ଡ ପରାଜୟର ବଡ଼ କାରଣ, ବୁମ୍‌ରାଙ୍କୁ ଦେଲେ ବିଜୟର ଶ୍ରେୟ

**ନୂଆଦିଲ୍ଲୀ**

ରବିବାର ଖେଳାଯାଇଥିଲା ଟି-୨୦ ବିଶ୍ୱକପର ୨୦୨୬ର ଫାଇନାଲ ମୁକାବିଲା। ନ୍ୟୁଜିଲାଣ୍ଡକୁ ୯୬ ରନରେ ପରାସ୍ତ କରି ଭାରତ ତୃତୀୟଥର ପାଇଁ ହାତେଇଛି ଟି-୨୦ ବିଶ୍ୱକପ। ମେନ୍ ଇନ୍ ବ୍ଲୁକୁ ଚାରିଆଡୁ ଛୁଟୁଥିଲା ପ୍ରଶଂସାର ସୁଅ। ଯେଉଁଥିରେ ସାମିଲ୍ ହୋଇଥିଲେ ପାକିସ୍ତାନର ପୂର୍ବତନ ଅଧିନାୟକ ଶାହିଦ୍ ଆଫ୍ରିଦ୍। ଟିମ୍ ଇଣ୍ଡିଆର ବିଜୟର କାରଣ ସହ ନ୍ୟୁଜିଲାଣ୍ଡର ବ୍ୟାଟିଂ ବିପର୍ଯ୍ୟୟ ସମ୍ପର୍କରେ ମଧ୍ୟ ଜଣାଇଛନ୍ତି। ସେ ଏକ୍ସରେ ଏକ ଭିଡିଓ ପୋଷ୍ଟ କରି ଏସମ୍ପର୍କରେ ଜଣାଇଛନ୍ତି।

ସେ କହିଛନ୍ତି କି, ନ୍ୟୁଜିଲାଣ୍ଡର ବ୍ୟାଟ୍ସମ୍ୟାନଙ୍କ ପାଇଁ ପ୍ରଥମରୁ ୬ ଓଭରରେ ବଡ଼ ସୁଯୋଗ ରହିଥିଲା। କିନ୍ତୁ ପ୍ରାରମ୍ଭିକ ବ୍ୟାଟ୍ସମ୍ୟାନମାନେ ତିଷ୍ଠି ପାରିନଥିଲେ। ଏହାସହ



ସେ ଭାରତର ବିଜୟରେ ଶୁଭେଚ୍ଛା ଜଣାଇଛନ୍ତି। ସମଗ୍ର ଟୁର୍ଣ୍ଣାମେଣ୍ଟରେ ଭାରତ ଯେଭଳି ପ୍ରଦର୍ଶନ କରିଛି ସେ ଟାଇଟଲ ହାତେଇବାର ହକଦାର। ପ୍ଲେଇଂ ୧୧କୁ ଛାଡ଼ିଦେଲେ ବେଞ୍ଚରେ ବସିଥିବା ଖେଳାଳିମାନେ ମଧ୍ୟ ଭାରତର ଦମଦାର ଥିଲେ। ସମସ୍ତ ଭାରତୀୟ ଖେଳାଳିଙ୍କୁ ବିଜୟ ପାଇଁ ଅଭିନନ୍ଦନ ମଧ୍ୟ ଜଣାଇଛନ୍ତି।

ଭାରତର ପ୍ରାରମ୍ଭିକ ବ୍ୟାଟ୍ସମ୍ୟାନଙ୍କ ସମ୍ପର୍କରେ ନିଜର ପ୍ରତିକ୍ରିୟାରେ ଆଫ୍ରିଦ କହିଛନ୍ତି କି, ସାମସନଙ୍କୁ ପ୍ରଥମରୁ ସୁଯୋଗ ମିଳିନଥିଲା। ତଥାପି ଯେତିକି ଗୁରୁତ୍ୱପୂର୍ଣ୍ଣ ମ୍ୟାଚ୍‌ରେ ତାଙ୍କୁ ସୁଯୋଗ ମିଳିଲା ସେ ଦମ୍‌ଦାର ପ୍ରଦର୍ଶନ କରିଛନ୍ତି। ଇଶାନ ପାକିସ୍ତାନ ସହ ବାକି ମ୍ୟାଚରେ ମଧ୍ୟ ଲଢୁଆ ପାଳି ଖେଳିଛନ୍ତି। ଏମାନଙ୍କ ବ୍ୟତିତ ଅଭିଶେକ ଶର୍ମାଙ୍କ ଫାଇନାଲ ମ୍ୟାଚରେ ପ୍ରଦର୍ଶନ ବେଶ ପ୍ରଂଶସନୀୟ। ଏହାସହ ବୋଲିଂକୁ ନେଇ କହିଛନ୍ତି କି, ବୋଲିଂ ଭାରତର ମେରୁଦଣ୍ଡ ଥିଲା। ବୁମ୍‌ରା ନୂଆ ହେଉ କି, ପୁରୁଣା ସବୁ ବଲରେ ୟର୍କର ମାରି ବିପକ୍ଷ ଦଳର ବ୍ୟାଟ୍ସମ୍ୟାନଙ୍କୁ ଧରାଶାୟୀ କରିଛନ୍ତି। ଫାଇନାଲରେ କିନ୍ତୁ ପ୍ରଥମରୁ ନ୍ୟୁଜିଲାଣ୍ଡ ବ୍ୟାଟ୍ସମ୍ୟାନଙ୍କ ପାଇଁ ସୁଯୋଗ ଥିଲା। ପରେ ବୁମ୍‌ରା ଯେଭଳି ବୋଲିଂ କଲେ ମ୍ୟାଚ୍ ବିଜୟର ଏକ ବଡ଼ କାରଣ ମଧ୍ୟ କୁହାଯାଇପାରେ।

## ଅଜିତ ଆଗରକର, ଜୟ ଶାହଙ୍କୁ ଧନ୍ୟବାଦ ଜଣାଇଲେ ଗମ୍ଭୀର

**ଅହମଦାବାଦ**

ଭାରତୀୟ କ୍ରିକେଟ୍ ଦଳର ମୁଖ୍ୟ ପ୍ରଶିକ୍ଷକ ଗୌତମ ଗମ୍ଭୀର ଟ୍ୱେଣ୍ଟି-୨୦ ବିଶ୍ୱକପ୍ ବିଜୟକୁ ଦୁଇ ମହାନ ଖେଳାଳି ରାହୁଲ ଦ୍ରାବିଡ୍ ଓ ଭି.ଭି.ଏସ. ଲକ୍ଷ୍ମଣଙ୍କୁ ସମର୍ପିତ କରିଛନ୍ତି। ରବିବାରର ବିଜୟ ପରେ ନିଜର ପ୍ରତିକ୍ରିୟା ରଖି ସେ କହିଛନ୍ତି ଯେ ମୁଁ ଏହି ଟ୍ରଫିକୁ ରାହୁଲ ଦ୍ରାବିଡ଼ ଓ ଭି.ଭି.ଏସ.ଲକ୍ଷ୍ମଣଙ୍କୁ ଉତ୍ସର୍ଗ କରିବାକୁ ଚାହିଁବି। ଏକ ଶକ୍ତିଶାଳୀ ଭାରତୀୟ ଦଳକୁ ଗଢିବା ପାଇଁ ରାହୁଲ ଭାଇଙ୍କୁ ଓ ସିଓଇରେ ଦେଶର ଭବିଷ୍ୟତ ପ୍ରତିଭାମାନଙ୍କୁ ପ୍ରସ୍ତୁତ କରିବା ପାଇଁ ଲକ୍ଷ୍ମଣଙ୍କୁ ଏହି ବିଜୟ ସମର୍ପିତ।

ସେ ମଧ୍ୟ ମୁଖ୍ୟ ଚୟନକର୍ତ୍ତା ଅଜିତ ଆଗରକର ଓ ଆଇସିସି ଅଧ୍ୟକ୍ଷ ଜୟ ଶାହଙ୍କୁ ଧନ୍ୟବାଦ ଜଣାଇଛନ୍ତି। ସମାଲୋଚନା ସତ୍ତ୍ୱେ ସଚ୍ଚୋଟତାର ସହ ନିଜ କର୍ତ୍ତବ୍ୟ ନିର୍ବାହ କରିବା ଲାଗି ସେ ଆଗରକରଙ୍କୁ ପ୍ରଶଂସା କରିଛନ୍ତି। ସେହିପରି ନ୍ୟୁଜିଲାଣ୍ଡ୍ ଓ ଦକ୍ଷିଣ ଆଫ୍ରିକାଠାରୁ ଘରୋଇ ମାଟିରେ ଟେଷ୍ଟ ଶୃଙ୍ଖଳା ପରାଜୟ ପରି ନୈରାଶ୍ୟଜନକ ସମୟରେ ଫୋନ କରି ସମର୍ଥନ କରିଥିବାରୁ ସେ ଜୟ ଶାହାଙ୍କୁ ସମର୍ଥନ କରିଛନ୍ତି। ସମାଲୋଚକଙ୍କୁ ଜବାବ ଦେଇ ସେ କହିଛନ୍ତି ଯେ ତାଙ୍କର ଉତ୍ତରଦାୟିତ୍ୱ କେବଳ ଡ୍ରେସିଂ ରୁମରେ ଥିବା ୩୦ ସଦସ୍ୟଙ୍କ ପ୍ରତି ରହିଛି, ସୋସିଆଲ୍ ମିଡିଆ ପ୍ରତି ନୁହେଁ। ଖେଳାଳିମାନେ ଭଲ ପ୍ରଶିକ୍ଷକଙ୍କୁ ତିଆରି କରନ୍ତି।

## ଅନ୍ତର୍ଜାତୀୟ ଚେସ୍ ପ୍ରତିଯୋଗିତା ହର୍ଷିତଙ୍କୁ ପ୍ରଥମ ଆଇଏମ୍ ନର୍ମ

**ଭୁବନେଶ୍ୱର**



ଓଡ଼ିଶାର ଯୁବ ଚେସ୍ ଖେଳାଳି ତଥା ରାଜ୍ୟ ବରିଷ୍ଠ, କନିଷ୍ଠ, ଉପକନିଷ୍ଠ ଓ କଟକଜିଲ୍ଲା ବିଜେତା ଫିଡେ ମାଷ୍ଟର ହର୍ଷିତ ରଂଜନ ସାହୁ ତାଙ୍କ ଖେଳ ଜୀବନରେ ଏକ ବଡ଼ ପାଦ ଆଗକୁ ବଢ଼ାଇଛନ୍ତି। ହଙ୍ଗେରୀରେ ଆୟୋଜିତ ବୁଦାପେଷ୍ଟ ସ୍ପ୍ରିଙ୍ଗ ଫେଷ୍ଟିଭାଲ୍-୨୦୨୬ (ଗ୍ରୁପ-ଏ) ଆନ୍ତର୍ଜାତୀୟ ଚେସ୍ ପ୍ରତିଯୋଗିତାରେ ନିଜ ପ୍ରଥମ ଆନ୍ତର୍ଜାତୀୟ ମାଷ୍ଟର୍ (ଆଇଏମ୍) ନର୍ମ ଅର୍ଜନ କରିନେଇଛନ୍ତି। ୨୨୦୦ ଉର୍ଦ୍ଧ୍ୱ ଏଲୋ ରେଟିଂ ବର୍ଗର ଏହି ପ୍ରତିଯୋଗିତାରେ ସେ ୯ ଗେମ୍‌ରୁ ୬ ପଏଣ୍ଟ୍ ସହ ୧୪ତମ ସ୍ଥାନରେ ରହିଥିଲେ। କିନ୍ତୁ ଏହି ଅବସରରେ ୨୪୯୯ ପରଫର୍ମାନ୍ସ ରେଟିଂ ସହ ୪୭.୨ ଫିଡେ ରେଟିଂ ପଏଣ୍ଟ୍ ବୃଦ୍ଧି କରିଥିଲେ।

ଗ୍ରାଣ୍ଡମାଷ୍ଟର ମିଲାନ ପାଚେର୍ ଓ ଅନ୍ତର୍ଜାତୀୟ ମାଷ୍ଟର ଜୋକା ଗାଆଲଙ୍କୁ ପରାଜିତ କରିବା ଏବଂ ଅନ୍ତର୍ଜାତୀୟ ମାଷ୍ଟର ଡାନିଏଲ୍ ମୋସେସୋଭ୍ ଓ ଖୋଇ ଫାମଙ୍କ ସହ ଡ୍ର' କରିବାରୁ ନର୍ମ ଅର୍ଜନରେ ସଫଳ ହୋଇଥିଲେ। ଏହା ପୂର୍ବରୁ ସେ ସ୍ୱିଡେନରେ ଆୟୋଜିତ ରିଲଟନ୍ କପ୍ ପ୍ରତିଯୋଗିତାରେ ଉତ୍କୃଷ୍ଟ ପ୍ରଦର୍ଶନ କରି ଫିଡେ ମାଷ୍ଟର୍ (ଏଫ୍ଏମ୍) ଉପାଧି ଅର୍ଜନ କରିଥିଲେ।

## ପାକ୍ କ୍ରିକେଟ୍‌ରେ ଦୁର୍ନୀତି, ରାଜନୀତି ଓ ମୌଳିକ ସୁବିଧାର ଅଭାବ ନେଇ ଅଭିଯୋଗ କଲେ : ଶାହଜାୟବ

**ନୂଆଦିଲ୍ଲୀ**

ଦୁର୍ନୀତି, ରାଜନୀତି ଓ ଅନ୍ୟାୟରେ ହୋଇଗଲେ ବିରକ୍ତ, ୨୪ ବର୍ଷୀୟ ପାକିସ୍ତାନୀ କ୍ରିକେଟର ଛାଡ଼ିଲେ କ୍ରିକେଟ୍

ଗୋଟେପଟେ ୩ୟ ଥର ଟି-୨୦ ବିଶ୍ୱକପ୍ ଜିତିବା ପରେ ଭାରତରେ ଉତ୍ସବର ମାହୋଲ ଅଛି। ଅନ୍ୟପଟେ ପଡ଼ୋଶୀ ପାକିସ୍ତାନରେ ଏହି କଥା ଉପରେ ଆଲୋଚନା ହେଉଛି ଯେ, ଆମେ କ୍ରିକେଟରେ ଭାରତ ଠାରୁ କାହିଁକି, କେଉଁଠି ଓ କେମିତି ପଛେଇ ଯାଉଛେ। ଅହମଦ ସହଜାଦଙ୍କ ଭଳି ପୂର୍ବତନ କ୍ରିକେଟର ପାକିସ୍ତାନରେ କ୍ରିକେଟ୍‌ର ଖରାପ ଦିନ ପାଇଁ ସିଷ୍ଟମକୁ ଦୋଷାରୋପ କରିଛନ୍ତି। ଶୋଏବ ଅଖତରଙ୍କ ଭଳି ପୂର୍ବତନ ଖେଳାଳି ଭାରତ ଠାରୁ ଶିଖିବାକୁ ପରାମର୍ଶ ଦେଇଛନ୍ତି। ଟି-୨୦ ବିଶ୍ୱକପ୍‌କୁ ନେଇ ଚର୍ଚ୍ଚା ମଧ୍ୟରେ ଜଣେ ଯୁବ ପାକିସ୍ତାନୀ ଖେଳାଳି ଖୁବ୍ ବ୍ୟଥିତ ହୃଦୟରେ ପାକିସ୍ତାନ କ୍ରିକେଟ୍‌କୁ ଛାଡ଼ିବାକୁ ଘୋଷଣା କରି ଆଶ୍ଚର୍ଯ୍ୟ କରି ଦେଇଛନ୍ତି। ସେ ପାକ୍ କ୍ରିକେଟ୍‌ରେ ଦୁର୍ନୀତି , ରାଜନୀତି ଓ ମୌଳିକ ସୁବିଧାର ଅଭାବ ନେଇ ଅଭିଯୋଗ କରିଛନ୍ତି। ସିୟାଲକୋଟର ୨୪ବର୍ଷୀୟ କ୍ରିକେଟର ଶାହଜାୟବ ଭଟ୍ଟି ସୋସିଆଲ ମିଡ଼ିଆ ପୋଷ୍ଟ ମାଧ୍ୟମରେ ଘୋଷଣା କରିଛନ୍ତି ଯେ, ସେ ପାକିସ୍ତାନ କ୍ରିକେଟକୁ ଛାଡ଼ିବାକୁ ଯାଉଛନ୍ତି। ଭଟ୍ଟିଙ୍କର ଜନ୍ମ ସିୟାଲକୋଟ୍‌ରେ ହୋଇଥିଲା। ସେ ପାକିସ୍ତାନ କ୍ରିକେଟର ଜଣେ ଉଦୀୟମାନ ଷ୍ଟାର ଥିଲେ।

ଶାହଜାୟବ ଭଟ୍ଟି କାୟଦେ ଆଜମ ଟ୍ରଫି ୨୦୨୪-୨୫ର ଫାଇନଲରେ ସିୟାଲକୋଟ ରିଜନର ପେଶାବର ରିଜନରେ ଗୋଟିଏ



ୱିକେଟ୍‌ରେ ରୋମାଞ୍ଚକର ବିଜୟର ବଡ଼ ଭୂମିକା ତୁଲାଇ ଥିଲେ। ସେ ଅପରାଜେୟ ୩୨ ରନ୍ କରି ନିଜର ଟିମ୍‌କୁ ଏକ ୱିକେଟ୍‌ରେ ନାଟକୀୟ ବିଜୟ ଦେଇଥିଲେ।

ଭଟ୍ଟିଙ୍କର ଅଭିଯୋଗ ଯେ, ତାଙ୍କର ଅନେକ ପ୍ରଦର୍ଶନ ପରେ ମଧ୍ୟ ତାଙ୍କୁ ବାରମ୍ବାର ପାର୍ଶ୍ୱରେ ରଖାଯାଇଛି। ତାଙ୍କୁ ପ୍ରାୟ ୪୦ଟି ମ୍ୟାଚ୍‌ରେ ଚୌକିରେ ବସାଇ ଦିଆଯାଇଥିଲା। ଯୁବ କ୍ରିକେଟର ଜଣଙ୍କ ଦୁଃଖିତ ମନରେ ଖୁଲାସା କରିଛନ୍ତି ଯେ, ତାଙ୍କର ସ୍ୱପ୍ନ ପାକିସ୍ତାନର ପ୍ରତିନିଧିତ୍ୱ କରିବା ଥିଲା, କିନ୍ତୁ ଡୋମେଷ୍ଟିକ୍ ଷ୍ଟ୍ରକଚରର ବାସ୍ତବିକତା ତାଙ୍କୁ କ୍ରିକେଟ୍‌କୁ ଅଲବିଦା କହିବା ପାଇଁ ବାଧ କରି ଦେଇଛି। ଭଟ୍ଟି ଏକ୍ସରେ ପୋଷ୍ଟ କରିଛନ୍ତି – ଅଲବିଦା ପାକିସ୍ତାନ କ୍ରିକେଟ୍। ୨୪ ବର୍ଷ ବୟସରେ ମୁଁ ପାକିସ୍ତାନ କ୍ରିକେଟ୍‌କୁ ଛାଡୁଛି। ଗତ ବର୍ଷ ମୁଁ କାୟଦେ ଆଜମ ଫାଇନାଲ ଜିତାଇ ଥିଲି, ଯାହା ଟିଭିରେ ଲାଇଭ୍ ଦେଖାଯାଇଥିଲା। ସେବେ ଠାରୁ ନେଇ ଏବେସୁଦ୍ଧା ବାରମ୍ବାର ପ୍ରାୟ ୪୦ଟି ମ୍ୟାଚରେ ମୋତେ ବେଞ୍ଚରେ ବସା ଗଲା। ମୋର ଏକମାତ୍ର ସ୍ୱପ୍ନ ପାକିସ୍ତାନର ପ୍ରତିନିଧିତ୍ୱ କରିବା, କିନ୍ତୁ ରାଜନୀତି, ଦୁର୍ନୀତି, ମୌଳିକ ସୁବିଧାର ଅଭାବ ମୋର ଏବଂ ଆହୁରି ଅନେକଙ୍କ କ୍ୟାରିୟର ନଷ୍ଟ କରି ଦେଇଛି। ଏବେ ମୁଁ ଜାଣୁଛି କାହିଁକି ଯେକେହି ପାକିସ୍ତାନ କ୍ରିକେଟ୍‌କୁ ଛାଡୁଛନ୍ତି। ଅଲବିଦା।

## ସର୍ବଭାରତୀୟ ଦିବାରାତ୍ର ଜଗନ୍ନାଥ ମିସ୍ତ୍ରୀ ସ୍ମାରକୀ ମୟୂରଭଞ୍ଜ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ

**ବାରିପଦା, ନ୍ୟୁଜ୍‌ବ୍ୟୁରୋ**

ସ୍ଥାନୀୟ ମଧୁବନ ମିନି ଷ୍ଟାଡିୟମରେ ଜଗନ୍ନାଥ ମିସ୍ତ୍ରୀ ସ୍ମୃତି କମିଟି ଆନୁକୂଲ୍ୟରେ ଆୟୋଜିତ ୨ୟ ବାର୍ଷିକ ସର୍ବଭାରତୀୟ ଦିବାରାତ୍ର ଜଗନ୍ନାଥ ମିସ୍ତ୍ରୀ ସ୍ମାରକୀ ମୟୂରଭଞ୍ଜ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି।

ମୁଖ୍ୟଅତିଥି ଭାବେ ବାରିପଦା ବିଧାୟକ ପ୍ରକାଶ ସୋରେନ ଓ ସମ୍ମାନୀୟା ଅତିଥି ଭାବେ ଉପ ନଗରପାଳ ସୀମା ଦାସ ଯୋଗଦେଇ ଏହି ଟୁର୍ଣ୍ଣାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆୟୋଜନ କମିଟିର ଅଧ୍ୟକ୍ଷ ଅସିତ ବରଣ ପତି, ଅଭ୍ୟର୍ଥନା କମିଟି ଅଧ୍ୟକ୍ଷ ଜୀବନ କୁମାର ସାହୁ, ସାଧାରଣ ସମ୍ପାଦକ ଅଶୋକ ମିସ୍ତ୍ରୀ, ସାଙ୍ଗଠନିକ ସମ୍ପାଦକ ଅମର କୁମାର ସେଠିଙ୍କ ସମେତ ମୁଖପାତ୍ର ନରୋତ୍ତମ ପାଣିଗ୍ରାହୀ, ବରିଷ୍ଠ ସଦସ୍ୟ କୈଳାଶ ବେହେରା, ତ୍ରୈଲୋଚନ ପାତ୍ର, କୁମାର ରଞ୍ଜନ ପଣ୍ଡା, ପ୍ରଦୀପ ମିସ୍ତ୍ରୀ, ରାଜୀବ ମିସ୍ତ୍ରୀ, ସନ୍ତୋଷ କୁମାର ବରଜ, ବିନୋଦ ସିଂ ବାବୁ, ବନ ମଉଗଜ, ମହାଦେବ ପାତ୍ର, ସୁମନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ମୟୂରଭଞ୍ଜ ଫୁଟବଲର ପ୍ରବାଦ ପୁରୁଷ ସ୍ୱର୍ଗତ ଜଗନ୍ନାଥ ମିସ୍ତ୍ରୀଙ୍କ ସ୍ମୃତିରେ ଆୟୋଜିତ ଏହି ଟୁର୍ଣ୍ଣାମେଣ୍ଟରେ ମୋଟ ୧୬ଟି ଦଳ ଅଂଶଗ୍ରହଣ କରିଥିବା ବେଳେ ୧୩ ତାରିଖ ଦିନ ଫାଇନାଲ ମ୍ୟାଚ୍ ଖେଳାଯିବ। ପ୍ରଥମ ମ୍ୟାଚ୍‌ରେ କିସାନ ବ୍ରଦର୍ସ ୧-୦ ଗୋଲରେ କେନ୍ଦୁଆ ଏଫସି ଏବଂ ଏମଏସସିବି ବିଶ୍ୱ ବିଦ୍ୟାଳୟ ୩-୦ ଗୋଲରେ କରଞ୍ଜିଆର ବିଏମ୍ ସ୍ପୋର୍ଟିଂକୁ ପରାସ୍ତ କରିଛି।

## ୧୪ ଅଭିଯୋଗର ତତ୍କାଳ ଫଇସଲା କଲେ ଜିଲ୍ଲାପାଳ

**ଯାଜପୁର, ନ୍ୟୁଜ୍‌ବ୍ୟୁରୋ**

ଯାଜପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର ବଡ଼ଚଣା ବ୍ଲକ କାର୍ଯ୍ୟାଳୟ ପରିସର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଅଛି। ଏହି ଅଭିଯୋଗ ଶିବିରରେ ଉପସ୍ଥିତ ରହି ଜିଲ୍ଲାପାଳ ଅମ୍ବର କୁମାର କର ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ। ବିଭାଗୀୟ ଅଧିକାରୀ ମାନେ ଏହି ଅଭିଯୋଗ ଗୁଡିକ ଯାଞ୍ଚ କରିବେ ଓ ଯେଉଁମାନେ ଯୋଗ୍ୟ ଅଛନ୍ତି ସେମାନଙ୍କର ଯଥାସମ୍ଭବ ସମସ୍ୟାର ସମାଧାନ କରାଯିବ ବୋଲି ଜିଲ୍ଲାପାଳ ପ୍ରକାଶ କରିଥିଲେ। ମୋଟ ୪୭ ଟି ଅଭିଯୋଗ ପଞ୍ଜୀକୃତ ହୋଇଥିଲା। ସେଥିମଧ୍ୟରୁ ବ୍ୟକ୍ତିଗତ ସମସ୍ୟା ସମ୍ପର୍କୀୟ ୩୨ ଗୋଟି, ଗୋଷ୍ଠୀଗତ ସମସ୍ୟା ସମ୍ପର୍କୀୟ /ଗ୍ରାମ୍ୟ ସମସ୍ୟା ସମ୍ପର୍କୀୟ ୦୧ ଗୋଟି, ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ




ସହାୟତା ନିମନ୍ତେ ୦୮ ଗୋଟି ଅଭିଯୋଗର ଶୁଣାଣି ଓ ରେଡକ୍ରସ ପାଣ୍ଠିରୁ ୦୬ ଗୋଟି ଅଭିଯୋଗର ଶୁଣାଣି କରାଯାଇଥିଲା। ୧୪ଟି ଅଭିଯୋଗର ତତ୍କାଳ ଫଇସଲା କରାଯାଇଥିଲା। ଏହି ମିଳିତ ଜନ ଅଭିଯୋଗ ଶୁଣାଣି ଶିବିରରେ ଜିଲ୍ଲା ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ ଦେବୀପ୍ରସାଦ ମହାନ୍ତି, ଉପ ଜିଲ୍ଲାପାଳ ତାପସ ରଞ୍ଜନ ଦେହୁରୀ, ଜିଲ୍ଲା ମୁଖ୍ୟ ଚିକିତ୍ସା ତଥା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ବିଜୟ କୁମାର ମିଶ୍ର, ଗୋଷ୍ଠୀ ଉନ୍ନୟନ ଅଧିକାରୀ, ବଡ଼ଚଣା ରବୀନ୍ଦ୍ର କୁମାର ପ୍ରଧାନ ଓ ଜିଲ୍ଲା ସ୍ତରୀୟ ଅଧିକାରୀ, କ୍ଷେତ୍ରୀୟ ଅଧିକାରୀ, ବ୍ଲକ ସ୍ତରୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ରହି ଜନ ସାଧାରଣଙ୍କର ଆପତ୍ତି ଅଭିଯୋଗର ଶୁଣାଣି କରିଥିଲେ।

13001/526/2526

HOUSING AND URBAN DEVELOPMENT DEPARTMENT
OFFICE OF THE BARGARH MUNICIPAL COUNCIL: BARGARH
AT/PO/DIST.-BARGARH, PIN-768028

No. 748 /, Date. 02.03.2026

*Invitation for Bids*

BID IDENTIFICATION No.-06/BGH-MUN/2025-26

| | | |
|---|---|---|
| 1 | Nature of Work | Civil |
| 2 | No. of Work | 136 nos. |
| 3 | Amount put to tender (in lakh) | As per DTCN |
| 4 | Bid Cost | As per DTCN |
| 5 | Class of Contractor | C & D |
| 6 | Availability of Bids documents in website | From 16.00 Hrs Dt. 06-03-2026 to 17.00 Hrs Dt. 16-03-2026 |
| 7 | Date of Opening of Bid | Dt. 17-03-2026 11.00 hrs |

The bidders have to participate in ONLINE bidding only. Further details can be seen from the website i.e., http://tenderodisha.gov.in any addendum/corrigendum/cancellation of tender can also be seen only in the said website.

Sd/- Executive Officer
Bargarh Municipality

OIPR-13001/13103/1/25-26/0004

## 'କ୍ରିକେଟ ନଷ୍ଟ ହୋଇ ଯାଇଛି' : ସୋଏବ ଅଖତର

**ନୂଆଦିଲ୍ଲୀ**

ଭାରତର ବିଜୟରେ କ୍ରୋଧିତ ହୋଇ ପୂର୍ବତନ ପାକିସ୍ତାନୀ ଦ୍ରୁତ ବୋଲର ସୋଏବ ଅଖତର ଅଜବ ଗଜବ ବୟାନ ଦେଇଛନ୍ତି। ସେ କହିଛନ୍ତି ଭାରତ କ୍ରିକେଟକୁ ନଷ୍ଟ କରି ଦେଇଛନ୍ତି। ସେ ଧନୀ ଏବଂ ଗରିବ ପିଲାଙ୍କ କାହାଣୀ କହି ଭାରତର ସଫଳତାକୁ କମ୍ କରିବାକୁ ଚେଷ୍ଟା କରିଛନ୍ତି।

ଟିଭି ଶୋ ଗେମ୍ ଅନ୍ ହୈରେ ସୋଏବ ଅଖତର କହିଛନ୍ତି, 'ଭାରତର ପ୍ରାଧାନ୍ୟ କ୍ରିକେଟ ପାଇଁ ଖରାପ। ଏହା ଯେପରି ପଡ଼ୋଶୀର ଏକ ଧନୀ ପିଲା ଗରିବ ପିଲାମାନଙ୍କୁ ଡାକି କହୁଛି ଆସ କ୍ରିକେଟ ଖେଳିବା। ଭାରତ ସମାନ ଭାବେ ସେମିତି କିଛି କରୁଛି। ସେମାନେ ୮ଟି ଦଳକୁ ଡାକୁଛନ୍ତି ତାଙ୍କ ସହ ଖେଲୁଛନ୍ତି। ତା' ପରେ ୩ଟିକୁ ପ୍ରୋତ୍ସାହିତ କରୁଛନ୍ତି କହୁଛନ୍ତି ଆମେ ଜିତିଛୁ। ମୋ ମତରେ ସେମାନେ କ୍ରିକେଟକୁ ସମ୍ପୂର୍ଣ୍ଣ ନଷ୍ଟ କରି ଦେଇଛନ୍ତି। ଇଣ୍ଡିଆ ଆମ ସହ ଏମିତି କରିଛି। କ୍ରିକେଟକୁ ଖତମ କରି ଦିଆଯାଇଛି।' ସୋଏବ ଅଖତରଙ୍କର ଏହି ବୟାନକୁ ନେଇ ସୋସିଆଲ ମିଡିଆରେ ବିତର୍କ ଆରମ୍ଭ ହୋଇଛି। ଅନେକ ପ୍ରଶଂସକ ଭାରତର ବଡ଼ ବିଜୟରେ ଏହାକୁ ତିକ୍ତ ପ୍ରତିକ୍ରିୟା ବୋଲି କହିଛନ୍ତି।

## ପାଣ୍ଡୁଲିପି ଜ୍ଞାନର ପ୍ରାସଙ୍ଗିକତା : ଆଧୁନିକ ଯୁଗରେ ପ୍ରୟୋଗ ଓ ଅଭ୍ୟାସ ଉପରେ ଜାତୀୟ ସେମିନାର

**ବାଲେଶ୍ୱର, ନ୍ୟୁଜ୍**

ଫକୀରମୋହନ ବିଶ୍ୱ-ବିଦ୍ୟାଳୟର ସ୍ନାତକୋତ୍ତର ସଂସ୍କୃତ ବିଭାଗ ପକ୍ଷରୁ "ପାଣ୍ଡୁଲିପି ଜ୍ଞାନର ପ୍ରାସଙ୍ଗିକତା : ଆଧୁନିକ ଯୁଗରେ ପ୍ରୟୋଗ ଓ ଅଭ୍ୟାସ" ବିଷୟକ ଦୁଇଦିନିଆ ଜାତୀୟ ସେମିନାର ଓ ଗବେଷକମାନଙ୍କ ପାଇଁ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ସଫଳତାର ସହ ଆୟୋଜିତ ହୋଇଯାଇଛି। କାର୍ଯ୍ୟକ୍ରମର ଆରମ୍ଭରେ ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ପ୍ରଫେସର ଭାସ୍କର ବେହେରା ସ୍ୱାଗତ ଭାଷଣ ରଖିଥିଲେ। ସମ୍ମିଳନୀର ବିଷୟବସ୍ତୁ ଓ ଅତିଥି ପରିଚୟ ସଂସ୍କୃତ ବିଭାଗର ସମନ୍ୱୟକ ପ୍ରଫେସର ଦେବାଶିଷ ପାତ୍ର ପ୍ରଦାନ କରିଥିଲେ। ସଭାର ଅଧ୍ୟକ୍ଷତା କରି ବିଶ୍ୱବିଦ୍ୟାଳୟର ସମ୍ମାନୀୟ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ତାଙ୍କ ଅଧ୍ୟକ୍ଷୀୟ ଭାଷଣରେ ଭାରତୀୟ ପାରମ୍ପରିକ ଜ୍ଞାନର ସୁରକ୍ଷା, ସଂରକ୍ଷଣ ଓ ଡିଜିଟାଲ ରୂପାନ୍ତରଣରେ ପାଣ୍ଡୁଲିପି



ଜ୍ଞାନର ଭୂମିକା ଉପରେ ଆଲୋକପାତ କରିଥିଲେ। ଏହି ସେମିନାରରେ ମୁଖ୍ୟ ଅତିଥି ଭାବେ ମାଡ୍ରାସ ବିଶ୍ୱବିଦ୍ୟାଳୟର ପୂର୍ବତନ ସଂସ୍କୃତ ବିଭାଗ ଅଧ୍ୟକ୍ଷ ପ୍ରଫେସର ସିନିରୁଦ୍ଧ ଦାଶ ଉପସ୍ଥିତ ହୋଇ ପାଣ୍ଡୁଲିପି ଐତିହ୍ୟର ସୁରକ୍ଷା ଓ ଗବେଷଣାରେ ଏହାର ଗୁରୁତ୍ୱ ବିଷୟରେ ଆଲୋକପାତ କରିଥିଲେ। ବିଶେଷ ଅତିଥି ଭାବେ ପ୍ରଖ୍ୟାତ ପାଣ୍ଡୁଲିପି ବିଶେଷଜ୍ଞ ଡକ୍ଟର ମମତା ମିଶ୍ର ଆଧୁନିକ ଯୁଗରେ ପାଣ୍ଡୁଲିପି ଅଧ୍ୟୟନର ପ୍ରାୟୋଗିକ ପ୍ରାସଙ୍ଗିକତା ବିଷୟରେ ମତ ପ୍ରକାଶ କରିଥିଲେ। ମୁଖ୍ୟ ବକ୍ତା ଭାବେ କୋରାପୁଟସ୍ଥ ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର କୁଳପତି (ଦାୟିତ୍ୱରତ) ପ୍ରଫେସର ଏନ.ସି. ପଣ୍ଡା ଭାରତୀୟ ଜ୍ଞାନ ପରମ୍ପରାର ସୁରକ୍ଷା ଓ ପ୍ରସାରରେ ପାଣ୍ଡୁଲିପିଜ୍ଞାନର ଅପରିହାର୍ଯ୍ୟତା ଉଲ୍ଲେଖ କରିଥିଲେ। ମୁଖ୍ୟ ବକ୍ତା ଭାବେ ଭାରତୀୟ ଜ୍ଞାନ ମିଶନ, ନୂଆଦିଲ୍ଲୀର ନିର୍ଦ୍ଦେଶକ ଡକ୍ଟର ଅନିର୍ବାଣ ଦାଶ ପାଣ୍ଡୁଲିପି ଗବେଷଣାର ନୂତନ ଦିଗ ଓ ତାହାର ଆଧୁନିକ ପ୍ରୟୋଗ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ସେମିନାରରେ ଶ୍ରୀଲଙ୍କା, ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟ, ପୁନେ ଆଦି ସ୍ଥାନରୁ ଅନେକ ଶିକ୍ଷାବିତ୍ ଓ ଗବେଷକମାନେ ଅନଲାଇନ ମାଧ୍ୟମରେ ମଧ୍ୟ ଯୋଗଦେଇଥିଲେ। ସେମିନାରରେ ମୋଟ ୨୫ ଜଣ ଗବେଷକ ନିଜ ନିଜ ଗବେଷଣା ପ୍ରବନ୍ଧ ପାଠ କରି ପାଣ୍ଡୁଲିପି ବିଜ୍ଞାନ ସମ୍ବନ୍ଧୀୟ ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା କରିଥିଲେ। ଏହି ଅବସରରେ ଡକ୍ଟର କୁମାର ମିଶ୍ରଙ୍କ ନେତୃତ୍ୱରେ "ଅମୃତବାଣୀ ସେବା ପ୍ରତିଷ୍ଠାନ" ପକ୍ଷରୁ ଗବେଷକମାନଙ୍କ ପାଇଁ ପାଣ୍ଡୁଲିପି ଅଧ୍ୟୟନ ଓ ପାଠସମ୍ପାଦନ ସମ୍ବନ୍ଧୀୟ ଏକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏଥିରେ ପ୍ରଫେସର ସିନିରୁଦ୍ଧ ଦାଶ ଓ ଡ଼କ୍ଟର ମମତା ମିଶ୍ର ଗବେଷକମାନଙ୍କୁ ପାଣ୍ଡୁଲିପି ପଢ଼ିବା ପ୍ରଣାଳୀ, ପାଠସମ୍ପାଦନ ପଦ୍ଧତି ଓ ପାଣ୍ଡୁଲିପି ସଂରକ୍ଷଣ ବିଷୟରେ ପ୍ରାୟୋଗିକ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଦୁଇଦିନିଆ ଏହି ସେମିନାରରେ ମୋଟ ୪ଟି ପ୍ରାୟୋଗିକ ଅଧିବେଶନ ଆୟୋଜିତ ହୋଇଥିଲା, ଯାହାକୁ ଆୟୋଜନ ସଚିବ ତଥା ସହାୟକ ଅଧ୍ୟାପକ-ଅଧ୍ୟାପିକା – ଡକ୍ଟର ଦେବାଶିଷ ମିଶ୍ର, ଡକ୍ଟର ପ୍ରୀତିରଞ୍ଜନ ମାଝୀ ଓ ଡକ୍ଟର ମମତା ପ୍ରଧାନଙ୍କ ନିରୀକ୍ଷଣରେ ସଫଳତାର ସହ ପରିଚାଳନା କରାଯାଇଥିଲା। ସେମିନାରର ଉଦ୍‌ଯାପନୀ ସଭାରେ ପ୍ରଫେସର ପ୍ରଫୁଲ୍ଲ କୁମାର ମିଶ୍ର, ଡକ୍ଟର ଭାରତୀ ପାଲ, ଡକ୍ଟର ବିଭୂତିଭୂଷଣ ମହାପାତ୍ର (ସଂସ୍କୃତ ବିଭାଗ, ରାଜଧାନୀ ମହାବିଦ୍ୟାଳୟ, ଭୁବନେଶ୍ୱର) ଓ ପ୍ରଫେସର ଦେବାଶିଷ ପାତ୍ର ଯୋଗଦେଇ ସେମିନାରର ଗୁରୁତ୍ୱ ଓ ଗବେଷଣାର ଭବିଷ୍ୟତ ଦିଗ ଉପରେ ମତାମତ ରଖିଥିଲେ। ଶେଷରେ ଡ଼କ୍ଟର ମମତା ପ୍ରଧାନ ସମସ୍ତ ଅତିଥି, ପ୍ରଶିକ୍ଷକ ଓ ଅଂଶଗ୍ରାହୀମାନଙ୍କୁ ଧନ୍ୟବାଦ ଜଣାଇଥିଲେ।

ଭୁବନେଶ୍ୱର, ୧୦ ମାର୍ଚ୍ଚ, ମଙ୍ଗଳବାର, ୨୦୨୬
RNI Regd. No. : 52640/94
Postal Regd. No. : BN/60/25-27

# ଶ୍ରୀମନ୍ଦିରରେ ଶ୍ରୀବିଗ୍ରହମାନଙ୍କ ଖସାପଡା ନୀତି ସମ୍ପନ୍ନ

**ପୁରୀ, ୯/୦୩**
**ନ୍ୟୁଜ ବ୍ୟୁରୋ**



ସୋମବାର ଚୈତ୍ର କୃଷ୍ଣ ଷଷ୍ଠୀ ତିଥିରେ ଶ୍ରୀମନ୍ଦିରରେ ଶ୍ରୀବିଗ୍ରହମାନଙ୍କ ଖସାପଡା ଲାଗି ନୀତି ଅନୁଷ୍ଠିତ ହୋଇଯାଇଛି । ଏହି ପରମ୍ପରାଗତ ଗୁପ୍ତ ନୀତି ପାଇଁ ଦ୍ୱିତୀୟ ଭୋଗମଣ୍ଡପ ଭୋଗ ଶେଷ ହେବା ପରେ ଆପାତତଃ ସନ୍ଧ୍ୟା ଘ.୬.୦୦ଟାରୁ ରାତ୍ର ଘ.୧୦.୦୦ ପର୍ଯ୍ୟନ୍ତ ସର୍ବସାଧାରଣଙ୍କ ଦର୍ଶନ ବନ୍ଦ ରହିଥିଲା ବୋଲି ଶ୍ରୀଜଗନ୍ନାଥ ମନ୍ଦିର ପ୍ରଶାସନ ପକ୍ଷରୁ କୁହାଯାଇଛି। ଶ୍ରୀମନ୍ଦିରର ବିଭିନ୍ନ ପରମ୍ପରା ମଧ୍ୟରୁ ମହାପ୍ରଭୁଙ୍କ ଖସାପଡା ନୀତି ଅନ୍ୟତମ । ଏହା ଏକ ଗୁପ୍ତ ନୀତି ହେବାରୁ ଏହି ସମୟରେ ଶ୍ରଦ୍ଧାଳୁମାନେ ଦର୍ଶନରୁ ବଞ୍ଚିତ ରହନ୍ତି । ମହାପ୍ରଭୁଙ୍କ ଶ୍ରୀଅଙ୍ଗ ଓ ଶ୍ରୀପୟରର ସୁରକ୍ଷା ପାଇଁ ଏହି ନୀତି ପାଳନ କରାଯାଏ । ପରମ୍ପରା ଅନୁସାରେ, ଦଇତାପତି ସେବାୟତମାନେ ପ୍ରଥମେ ମହାପ୍ରଭୁଙ୍କ ଶ୍ରୀପୟରକୁ ଧଳା କପଡାରେ ଘୋଡାଇ ଦେଇଥାନ୍ତି । ଏହି ନୀତି ପାଇଁ ପୂର୍ବଦିନରୁ ଦେଉଳକରଣ ଧଳା କନା ଧୋଇ ଶୁଖାଇ ଗାରଦରେ ଜମା କରନ୍ତି । ସେହିପରି ଶୁଦ୍ଧସୁଆର ଖଳି ଓ କଇଁଥ ଅଠା ଯୋଗାଇଥାନ୍ତି । ଦ୍ୱିତୀୟ ଭୋଗମଣ୍ଡପ ନୀତି ଶେଷ ହେବା ପରେ ଭିତରୁ ଜୟ-ବିଜୟ ଦ୍ୱାର ବନ୍ଦ କରାଯାଏ । ପରେ ବେହେରଣ ଦ୍ୱାର ଦେଇ ଦଇତାପତି ସେବାୟତମାନେ ଗର୍ଭଗୃହକୁ ପ୍ରବେଶ କରି ରତ୍ନସିଂହାସନ ଉପରେ ବଡଠାକୁର ବଳଭଦ୍ର, ଦେବୀ ସୁଭଦ୍ରା ଓ ଶ୍ରୀଜଗନ୍ନାଥଙ୍କ ଶ୍ରୀଅଙ୍ଗରେ ଖସାପଡା ଲାଗି କରି ଏହି ଗୁପ୍ତ ନୀତି ସମ୍ପନ୍ନ କରିଥାନ୍ତି । ସୂଚନାଯୋଗ୍ୟ ବର୍ଷକୁ ୨-୩ଥର ଏହି ଗୁପ୍ତ ସେବା ଅନୁଷ୍ଠିତ ହୋଇଥାଏ । ବିଶେଷକରି ଗୁଣ୍ଡିଚା ଯାତ୍ରା ପରେ ଚତୁର୍ଦ୍ଧାମୂର୍ତ୍ତିଙ୍କ ଶ୍ରୀଅଙ୍ଗ ଓ ଶ୍ରୀପୟର ସୁରକ୍ଷା ପାଇଁ ଏହି ନୀତି କରାଯାଏ । ସେହିପରି ଦୋଳ ପୂର୍ଣ୍ଣିମାରେ ହୋଲି ଖେଳିବା ସମୟରେ ଶ୍ରୀଅଙ୍ଗର କେତେକ ଅଂଶ କ୍ଷତବିକ୍ଷତ ହୋଇଯାଇଥାଏ, ତେଣୁ ହୋଲି ପରେ ମଧ୍ୟ ଏହି ଖସାପଡା ନୀତି ପାଳନ କରାଯାଏ।

# କୁନୋ ନ୍ୟାସନାଲ ପାର୍କରେ ଜନ୍ମ ହେଲେ ଆଉ ୫ ଚିତା ଶାବକ

**ନୂଆଦିଲ୍ଲୀ, ୯/୦୩**

ମଧ୍ୟ ପ୍ରଦେଶର କୁନୋ ନ୍ୟାସନାଲ ପାର୍କରୁ ପୁଣି ଥରେ ମିଳିଛି ଖୁସି ଖବର। ଗୋଟେପଟେ ଆଉ ୫ଟି ଚିତା ଶାବକଙ୍କର ଜନ୍ମ ହୋଇଥିବା ବେଳେ ଅନ୍ୟପଟେ ପ୍ରଥମ ଥର (ଗତ ପ୍ରାୟ ୧୦୦ ବର୍ଷରେ) ଦେଶରେ ଚିତାଙ୍କ ସଂଖ୍ୟା ୫୦ ଅତିକ୍ରମ କରି ଯାଇଛି। ଆଉ ଏକ ବିଶେଷ କଥା ଏହା ଯେ, ଏଥିରୁ ୩୩ଟି ଦେଶୀ ଚିତା ଅର୍ଥାତ୍ ଏଗୁଡ଼ିକର ଜନ୍ମ ଭାରତର ମାଟିରେ ହୋଇଛି। କେନ୍ଦ୍ର ପରିବେଶ ମନ୍ତ୍ରୀ ଭୂପେନ୍ଦ୍ର ଯାଦବ ସୋମବାର ଖୁସି ଖବର ଦେଇ କହିଛନ୍ତି ଯେ, ମଧ୍ୟପ୍ରଦେଶର କୁନୋ ନ୍ୟାସନାଲ ପାର୍କରେ ନାମ୍ବିୟାଇ ମାଦା ଚିତା ଜ୍ୱାଳା ୩ୟ ଥର ମାଆ ହୋଇଛି। ଏହିଥର ସେ ୫ ଶାବକଙ୍କୁ ଜନ୍ମ ଦେଇଛି। ସେ ଏହା ମଧ୍ୟ କହିଛନ୍ତି ଯେ, ଭାରତରେ ଏବେ ମୋଟ ୫୩ଟି ଚିତା ରହିଛନ୍ତି। ଯେଉଁଥିରୁ ୩୩ଟିର ଜନ୍ମ ଭାରତରେ ହୋଇଛି। ବିଶ୍ୱର ସବୁଠୁ ଦ୍ରୁତ ଦୌଡୁଥିବା ସ୍ଥଳୀୟ ଜୀବ ଚିତା ପ୍ରାୟ ୭ ଦଶକ ପୂର୍ବେ ଭାରତରୁ ବିଲୁପ୍ତ ହୋଇ ଯାଇଥିଲା। ସେପ୍ଟେମ୍ବର ୨୦୨୨ରେ କେନ୍ଦ୍ର ସରକାର ନାମିବିୟାରୁ ୮ଟି ଆଫ୍ରିକୀୟ ଚିତା ଆଣିଥିଲେ, ଯାହାଙ୍କୁ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ କୁନୋରେ ଛାଡ଼ି ଥିଲେ। ଗତ ବର୍ଷ କୁନୋରେ ୧୨ଟି ଶାବକଙ୍କ ଜନ୍ମ ହୋଇଥିଲା, ଯେଉଁଥିରୁ ତିନୋଟି ଶାବକଙ୍କ ସହ ୬ଟି ଚିତାର ମୃତ୍ୟୁ ହୋଇଛି। ଚଳିତ ବର୍ଷ ୭ ଫେବ୍ରୁୟାରୀରୁ ୯ ମାର୍ଚ୍ଚ ମଧ୍ୟରେ ଅଲଗା ଅଲଗା ଗ୍ରୁପରେ ୧୪ଟି ଶାବକଙ୍କ ଜନ୍ମ ହୋଇଛି। ୨୦୨୩ରୁ ଏବେ ସୁଦ୍ଧା କୁନୋରେ ମୋଟ ୪୪ଟି ଶାବକଙ୍କ ଜନ୍ମ ହୋଇ ସାରିଛି, ଯେଉଁଥିରୁ ୩୩ଟି ଜୀବିତ। ନାମିବିୟାରୁ ଅଣାଯାଇ ଥିବା ଜ୍ୱାଳା ଓ ଆଶା, ଦକ୍ଷିଣ ଆଫ୍ରିକାରୁ ଅଣାଯାଇ ଥିବା ଗାମିନୀ , ବିରା ଓ ନିର୍ଵା ଓ ଭାରତରେ ଜନ୍ମିତ ମୁଖୀ ଉଦ୍ୟାନରେ ଶାବକଙ୍କୁ ଜନ୍ମ ଦେଇଛି। ଗତବର୍ଷ ୨୮ ଫେବ୍ରୁୟାରୀରେ ବୋସ୍ୱାନାରୁ ୯ଟି ଚିତା ଅଣାଯାଇ ଥିଲା। ଏହା ଆଫ୍ରିକାରୁ ଅଣା ଯାଇଥିବା ୩ୟ ଦଳ ଥିଲା। ଏହି ପଦକ୍ଷେପ ଦେଶରେ ଚିତାଙ୍କ ସଂଖ୍ୟା ପୁନଃସ୍ଥାପିତ କରିବାର ଚାରି ବର୍ଷିୟ ଯୋଜନା ଅନୁସାରେ ନିଆ ଯାଇଛି। ପ୍ରୋଜେକ୍ଟ ଚିତାର ଡାଇରେକ୍ଟର ଉତ୍ତମ ଶର୍ମା ଗତ ଦିନରେ ପିଟିଆଇକୁ କହିଥିଲେ ଯେ, ତିନୋଟି ଚିତାକୁ ଗାନ୍ଧୀ ସାଗର ବନ୍ୟଜୀବ ଅଭୟାରଣ୍ୟକୁ ସ୍ଥାନାନ୍ତରିତ କରାଯାଇଛି, ଅବଶିଷ୍ଟ ଚିତା କୁନୋରେ ହିଁ ରଖାଯାଇଛି। ଶ୍ରୀ ଯାଦବ ଏକ୍ସରେ ଏକ ପୋଷ୍ଟରେ କହିଛନ୍ତି , ଏହି ପ୍ରୋଜେକ୍ଟ ଚିତା ପାଇଁ ଗୌରବର ମୁହୂର୍ତ୍ତ, କାରଣ ନାମିବିୟା ଚିତା ଜ୍ୱାଳା ୩ୟ ଥର ମାଆ ହୋଇଛି। ସେ ସୋମବାର କୁନୋ ନ୍ୟାସନାଲ ପାର୍କରେ ପାଞ୍ଚଟି ଶାବକଙ୍କୁ ଜନ୍ମ ଦେଇଛି। ଏହାସହ ଭାରତରେ ଜନ୍ମିତ ଶାବକଙ୍କ ସଂଖ୍ୟା ୩୩ରେ ପହଞ୍ଚିଛି । ଏହା ଭାରତର ଚିତା ସଂରକ୍ଷଣ ଯାତ୍ରାରେ ଆଉ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ।

# ଦିଲ୍ଲୀ ମେଟ୍ରୋର ନୂଆ ଇତିହାସ: ଆରମ୍ଭ ହେଲା ଦେଶର ପ୍ରଥମ 'ରିଙ୍ଗ ମେଟ୍ରୋ'





**ନୂଆଦିଲ୍ଲୀ, ୯।୩**

ଭାରତୀୟ ପରିବହନ କ୍ଷେତ୍ରରେ ଯୋଡ଼ି ହୋଇଛି ଏକ ନୂଆ ମାଇଲଖୁଣ୍ଟ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦିଲ୍ଲୀ ମେଟ୍ରୋର ଦୁଇଟି ନୂଆ କରିଡରକୁ ଉଦ୍‌ଘାଟନ କରିବା ସହ ଦେଶର ପ୍ରଥମ 'ରିଙ୍ଗ୍ ମେଟ୍ରୋ'ର ଶୁଭାରମ୍ଭ କରିଛନ୍ତି। ଏହି ନୂତନ ସେବା ଦ୍ୱାରା ରାଜଧାନୀରେ ଯାତାୟାତ ବ୍ୟବସ୍ଥା ଆହୁରି ସହଜ ଓ ସୁଗମ ହେବ। ପିଙ୍କ୍ ଲାଇନରେ ମଜଲିସ୍ ପାର୍କରୁ ମୌଜପୁର-ବାବରପୁର ମଧ୍ୟରେ ୧୨.୩ କିମିର ନୂଆ ରୁଟ୍ କାର୍ଯ୍ୟକ୍ଷମ ହୋଇଛି । ଏହାଫଳରେ ପିଙ୍କ୍ ଲାଇନ୍ ଏକ ସମ୍ପୂର୍ଣ୍ଣ ଗୋଲାକାର ପଥରେ ପରିଣତ ହୋଇଛି, ଯାହାର ମୋଟ ଲମ୍ବ ପ୍ରାୟ ୭୧.୫୬ କିଲୋମିଟର । ଏହି ରୁଟରେ ଯମୁନା ନଦୀ ଉପରେ ଏକ ନୂଆ ମେଟ୍ରୋ ବ୍ରିଜ୍ ନିର୍ମାଣ କରାଯାଇଛି। ଏହି କରିଡରର ଏକ ବିଶେଷତ୍ୱ ହେଉଛି 'ଡବଲ୍-ଡେକର୍ ଭାୟାଡକ୍ଟ', ଯେଉଁଥିରେ ଗୋଟିଏ ସ୍ତରରେ ମେଟ୍ରୋ ଟ୍ରେନ୍ ଚାଲିବ ଏବଂ ତା' ତଳେ ଗାଡ଼ି ଚଳାଚଳ ପାଇଁ ରୋଡ୍ ଫ୍ଲାଇଓଭର୍ ରହିଛି । ଏହି ଅବସରରେ ପ୍ରଧାନମନ୍ତ୍ରୀ ମେଟ୍ରୋ ଏବଂ ଗୃହ ନିର୍ମାଣ ସହ ଜଡିତ ପ୍ରାୟ ୩୩,୫୦୦ କୋଟି ଟଙ୍କାର ବିଭିନ୍ନ ଭିତ୍ତିଭୂମି ପ୍ରକଳ୍ପର ଶିଳାନ୍ୟାସ କରିଛନ୍ତି ।

ପିଙ୍କ୍ ଲାଇନର ଏହି ନୂଆ ସେକ୍ସନରେ ୮ଟି ଏଲିଭେଟେଡ୍ ଷ୍ଟେସନ ରହିଛି । ସେଗୁଡ଼ିକ ହେଲା: ମଜଲିସ୍ ପାର୍କ, ବୁରାରୀ, ଝରୋଦା ମାଜରା, ଜଗତପୁର-ଓ୍ୱାଜିରାବାଦ, ସୁରଘାଟ, ନାନକସର-ସୋନିଆ ବିହାର, ଖଜୁରୀ ଖାସ୍, ଭଜନପୁରା, ଯମୁନା ବିହାର ଏବଂ ମୌଜପୁର-ବାବରପୁର । ପିଙ୍କ୍ ଲାଇନ୍ ବ୍ୟତୀତ ମାଜେଣ୍ଟା ଲାଇନର ଦୀପାଳି ଚୌକରୁ ମଜଲିସ୍ ପାର୍କ ପର୍ଯ୍ୟନ୍ତ ୯.୯ କିଲୋମିଟର ବିଶିଷ୍ଟ କରିଡରକୁ ମଧ୍ୟ ପ୍ରଧାନମନ୍ତ୍ରୀ ଉଦଘାଟନ କରିଛନ୍ତି । ଏହି ଅବସରରେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ଆଉ ୩ଟି ନୂଆ ମେଟ୍ରୋ ଲାଇନର ଶିଳାନ୍ୟାସ କରିଛନ୍ତି, ଯାହା ନୋଏଡ଼ା, ଦକ୍ଷିଣ ଦିଲ୍ଲୀ ଏବଂ ଏୟାରପୋର୍ଟକୁ ଯୋଡ଼ିବ । ଆର.କେ ଆଶ୍ରମ ମାର୍ଗରୁ ଇନ୍ଦ୍ରପ୍ରସ୍ଥ, ଏରୋସିଟିରୁ ଆଇଜିଆଇ ଟର୍ମିନାଲ-୧ ଏବଂ ତୁଗଲକାବାଦରୁ କାଳିନ୍ଦୀ କୁଞ୍ଜ ।

ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ଦୀପାଳି ଚୌକ୍-ମଜଲିସ୍ ପାର୍କ କରିଡରର ମଧ୍ୟ ଉଦ୍‌ଘାଟନ କରିଛନ୍ତି। ଏହାଦ୍ୱାରା ମାଜେଣ୍ଟା ଲାଇନର ଲମ୍ବ ପ୍ରାୟ ୪୯ କିଲୋମିଟରରେ ପହଞ୍ଚିଛି। ଏହି ସମ୍ପ୍ରସାରିତ ଅଂଶରେ ମଧୁବନ ଚୌକ୍, ହାଇଦରପୁର ବାଦଲି ମୋଡ୍ ଏବଂ ଭାଲସୱା ଭଳି ୭ଟି ଗୁରୁତ୍ୱପୂର୍ଣ୍ଣ ଏଲିଭେଟେଡ୍ ଷ୍ଟେସନ ରହିଛି । ମେଟ୍ରୋ ବ୍ୟତୀତ ପ୍ରଧାନମନ୍ତ୍ରୀ ସରକାରୀ କର୍ମଚାରୀଙ୍କ ପାଇଁ ୨,୭୨୨ଟି ନୂତନ ଫ୍ଲାଟର ଉଦ୍‌ଘାଟନ କରିଛନ୍ତି। ଏଥିସହ ପ୍ରାୟ ୫୩୭ ଏକର ପରିମିତ ଅଞ୍ଚଳରେ ୬,୬୩୨ଟି ଅତିରିକ୍ତ ଫ୍ଲାଟ୍ ନିର୍ମାଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି । ସରୋଜିନୀ ନଗର, ନେତାଜୀ ନଗର, କସ୍ତୁରବା ନଗର ଏବଂ ଶ୍ରୀନିବାସପୁରୀ ଭଳି ୭ଟି ପୁରୁଣା ସରକାରୀ କଲୋନୀର ପୁନଃ ବିକାଶ କରାଯାଉଛି। ପ୍ରକଳ୍ପ ଶେଷ ହେବା ପରେ ମୋଟ ୨୧,୦୦୦ରୁ ଅଧିକ ଆଧୁନିକ ଆବାସିକ ୟୁନିଟ୍ ଉପଲବ୍ଧ ହେବ।

## ସୁପ୍ରିମକୋର୍ଟ ଓକିଲଙ୍କ ଉପରେ ଖୁବ୍ ଜୋରରେ ରାଗିଗଲେ ପ୍ରଧାନ ବିଚାରପତି

# ଆଇନଜୀବୀ ନ'ହୋଇଥିଲେ ବଡ଼ ଜରିମାନା ଲଗାଇଥାନ୍ତି : ସିଜେଆଇ

**ନୂଆଦିଲ୍ଲୀ, ୯/୦୩**



ସୋମବାର ସୁପ୍ରିମକୋର୍ଟରେ ମଦ ସମ୍ପର୍କିତ ଏକ ଆବେଦନର ଶୁଣାଣି ସମୟରେ ଭାରତର ମୁଖ୍ୟ ବିଚାରପତି କ୍ରୋଧିତ ହୋଇଥିବା ଦେଖିବାକୁ ମିଳିଥିଲା। ସେ ଆବେଦନ ଦାଖଲ କରିଥିବା ଓକିଲଙ୍କୁ ଚେତାବନୀ ଦେଇଥିଲେ ଏବଂ ଯଦି ଏପରି ଆବେଦନ ପୁନର୍ବାର ଦାଖଲ କରାଯାଏ ତେବେ କଠୋର କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଧମକ ଦେଇଥିଲେ। ସେ ଖୋଲାଖୋଲି ଭାବେ କହିଥିଲେ ଯେ, ଏହା ଏକ ବେପରୁଆ ଆବେଦନର ଆଉ ଏକ ଉଦାହରଣ। ସିଜେଆଇ ଆବେଦନକୁ ଭିତ୍ତିହୀନ ବୋଲି କହିଥିଲେ ଏବଂ କହିଥିଲେ ଯେ ଆବେଦନ ଗୁଡ଼ିକ ଅସ୍ପଷ୍ଟ। ତେଣୁ, ଆବେଦନକୁ ଖାରଜ କରାଯାଉଛି। ଏହା ଖରାପ ଡ୍ରାଫ୍ଟିଂର ଏକ ଉଦାହରଣ।

ରିପୋର୍ଟ ଅନୁଯାୟୀ, କୋର୍ଟ କହିଥିଲେ ଯେ, ଆବେଦନକାରୀ ଆଇନ ଅନୁଯାୟୀ ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କ ସମ୍ପର୍କରେ ରହିପାରିବେ। ଆବେଦନରେ ମଦ୍ୟପାନ ସେବନ ଉପରେ ଏକ ନିର୍ଦ୍ଧାରିତ ସୀମା ବାଧ୍ୟତାମୂଳକ କରିବାକୁ ଦାବି କରାଯାଇଥିଲା ଏବଂ ମାଂସାହାରୀ ଖାଦ୍ୟ ସମ୍ପର୍କରେ ନିୟମାବଳୀ ମଧ୍ୟ ଦାବି କରାଯାଇଥିଲା।

ସୁପ୍ରିମକୋର୍ଟଙ୍କ ପକ୍ଷରୁ ଆବେଦନକାରୀ ଭାବରେ କାର୍ଯ୍ୟ କରୁଥିବା ଜଣେ ଓକିଲଙ୍କ ଦ୍ୱାରା ଦାୟର ଅନେକ ଜନସ୍ୱାର୍ଥ ମାମଲାର ଶୁଣାଣି କରିବାକୁ ସୁପ୍ରିମକୋର୍ଟ ମନା କରିଦେଇଛନ୍ତି । ସିଜେଆଇ ସୂର୍ଯ୍ୟକାନ୍ତ ଏଥିରେ କ୍ରୋଧିତ ହୋଇ ମନ୍ତବ୍ୟ ଦେଇଥିଲେ, 'ଆପଣ କ'ଣ ମଧ୍ୟରାତ୍ରିରେ ଏହି ସମସ୍ତ ଆବେଦନ ପ୍ରସ୍ତୁତ କରୁଛନ୍ତି ?' ଆବେଦନରେ ବାଧ୍ୟତାମୂଳକ ପ୍ରେସକ୍ରିପସନ୍, ମଦ୍ୟପାନ ଏବଂ ମାଂସାହାରୀ ଖାଦ୍ୟର ନିୟନ୍ତ୍ରଣ ପାଇଁ ଆବେଦନ କରାଯାଇଥିଲା। ଆବେଦନରେ ସମ୍ପତ୍ତି ପଞ୍ଜିକରଣ ସମସ୍ୟା ଏବଂ ଅନ୍ୟାନ୍ୟ ପ୍ରସଙ୍ଗ ମଧ୍ୟ ଉଲ୍ଲେଖ କରାଯାଇଥିଲା।

ସିଜେଆଇଙ୍କ ନେତୃତ୍ୱାଧୀନ ଖଣ୍ଡପୀଠ ତାଙ୍କ ଆଦେଶରେ କହିଛନ୍ତି ଯେ, ଏହି ଆବେଦନ ଚିନ୍ତା ଅଭାବର ଆଉ ଏକ ଉଦାହରଣ। ଦାବି ଗୁଡ଼ିକ ଅସ୍ପଷ୍ଟ, ଭିତ୍ତିହୀନ ଏବଂ ଖାରଜ ଥିଲା। ଏହା ଖରାପ ଡ୍ରାଫ୍ଟିଂର ଏକ ଉଦାହରଣ ଥିଲା। ଯଦି ଆବେଦନକାରୀ ଜଣେ ଓକିଲ ହୋଇନଥାନ୍ତେ, ତେବେ ଆମେ ଯଥେଷ୍ଟ ଖର୍ଚ୍ଚ ସହିତ ଆବେଦନକୁ ଖାରଜ କରିଥାନ୍ତୁ। କୋର୍ଟ ଏହି ମାମଲାରେ କୌଣସି ଜରିମାନା ଦେଇ ନଥିଲେ, କିନ୍ତୁ ପୁନର୍ବାର ଏପରି ମାମଲା ଘଟିଲେ ଆବେଦନକାରୀଙ୍କ ଉପରେ ଜରିମାନା ଦେବାକୁ ଧମକ ଦେଇଥିଲେ। ସିଜେଆଇ କହିଛନ୍ତି ଯେ ଏହି ଆବେଦନ ଆକସ୍ମିକ ଡ୍ରାଫ୍ଟିଂ ଏବଂ ସୁପ୍ରିମକୋର୍ଟ ଉପରେ ବୋଝ ସୃଷ୍ଟି କରିବାର ଏକ ଉଦାହରଣ। ପରବର୍ତ୍ତୀ ସମୟରେ ଆପଣ ଏପରି ଆବେଦନ ଦାଖଲ କଲେ, ଏକ ବଡ଼ ଜରିମାନା ଲାଗୁ କରାଯିବ ।

## ଯୁକ୍ତ ୨ ପିଲାଙ୍କୁ ମିଳିବ ଇମ୍ପ୍ରୁଭମେଣ୍ଟ ପରୀକ୍ଷା ସୁବିଧା

**ଭୁବନେଶ୍ୱର, ୦୯/୦୩**
**ନ୍ୟୁଜ ବ୍ୟୁରୋ**

ଚଳିତ ବର୍ଷର ଯୁକ୍ତ ୨ ପିଲାଙ୍କୁ ପ୍ରଥମ କରି ମିଳିବ ଇମ୍ପ୍ରୁଭମେଣ୍ଟ ପରୀକ୍ଷା ସୁବିଧା। ସିଏଚଏସଇ ପରୀକ୍ଷା ନିୟନ୍ତ୍ରକ ଏହି ସୂଚନା ଦେଇଛନ୍ତି।

**ଶ୍ରୀମନ୍ଦିର ହୁଣ୍ଡିରୁ ସଂଗ୍ରହ**
ତାରିଖ :-୦୯/୦୩/୨୦୨୬
୪,୨୩,୨୨୯/- ଟଙ୍କା
ସୁନା:-ଶୂନ
ରୂପା:-ଶୂନ

# ବନ ବିଭାଗର ଅବହେଳା: ଗହୀରମଥାରେ ପଡ଼ିଛି ଶହ ଶହ କଇଁଛଙ୍କ ମୃତଦେହ

**ଭୁବନେଶ୍ୱର, ୯/୦୩**
**ନ୍ୟୁଜ ବ୍ୟୁରୋ**

ଓଡ଼ିଶାର ଏକମାତ୍ର ସାମୁଦ୍ରିକ ଅଭୟାରଣ୍ୟ ଗହୀରମଥା ଅଲିଭରିଡ୍‌ଲେ କଇଁଛଙ୍କ ଏନ୍ତୁଡ଼ିଶାଳ ଭାବେ ପରିଚିତ । ସାରା ବିଶ୍ୱରେ ଉପଲବ୍ଧ କଇଁଛଙ୍କ ମଧ୍ୟରୁ ପ୍ରାୟ ୫୦ ପ୍ରତିଶତ କଇଁଛ ଗହୀରମଥାରେ ସମାଗମ ହୋଇଥାନ୍ତି । ମାତ୍ର ସୁରକ୍ଷା ଅଭାବରୁ ଏବେ ଏହା ଅଲିଭ ରିଡ୍‌ଲେ କଇଁଛଙ୍କ ଶ୍ମଶାନ ଭୂଇଁରେ ପରିଣତ ହୋଇଛି। ଗ୍ରାଉଣ୍ଡ ଜିରୋରେ ସ୍ଥିତି ପରଖିବା ବେଳେ ଶହଶହ କଇଁଛଙ୍କ ମୃତଦେହ କ୍ୟାମେରାରେ କଏଦ ହୋଇଛି ।

ବନ ବିଭାଗର କର୍ମଚାରୀମାନେ ଏହି ମୃତ କଇଁଛମାନଙ୍କୁ ସମୁଦ୍ର ବେଳାଭୂମିରେ ପୋତିଦେଉଥିବା ଦେଖିବାକୁ ମିଳୁଛି । ନିକଟସ୍ଥ ଜଙ୍ଗଲରେ ଅନେକ କଇଁଛଙ୍କ ମୃତଦେହ ମଧ୍ୟ ପଡି ରହିଛି । ଏକ କିଲୋମିଟର ମଧ୍ୟରେ ୧୦୦ରୁ ଊର୍ଦ୍ଧ୍ୱ ମୃତ କଇଁଛଙ୍କୁ ଦେଖିବାକୁ ମିଳିଛି । ତେବେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଏମାନଙ୍କ ସୁରକ୍ଷା ପାଇଁ କୋଟିକୋଟି ଟଙ୍କା ଖର୍ଚ୍ଚ କରୁଥିଲେ ମଧ୍ୟ ବନବିଭାଗର ନିଷ୍କ୍ରିୟତା ଯୋଗୁଁ କଇଁଛମାନଙ୍କ ମୃତ୍ୟୁ ଘଟୁଛି ବୋଲି ସୂଚନା ମିଳିଛି।

ଅନ୍ୟପଟେ ସୂଚନାରୁ ପ୍ରକାଶ ଯୋଗ୍ୟ ଯେ, ପୁରୀ ବ୍ଲୁ ଫ୍ଲାଗ୍ ବିଚରେ ଅଣ୍ଡାଦାନ କରିଛନ୍ତି ଅଲିଭ୍ ରିଡ୍‌ଲେ କଇଁଛ। ପ୍ରଥମଥର ଏହି ବିରଳ ଘଟଣା ଘଟିଛି । ଗୋଟିଏ ଅଲିଭ ରିଡ୍‌ଲେ କଇଁଛ ଏଠାକୁ ଆସି ୧୧୪ଟି ଅଣ୍ଡା ଦେଇଛି । ବ୍ଲୁ ଫ୍ଲାଗ୍ ବିଚ୍‌କୁ ଅଲିଭ ରିଡ୍‌ଲେମାନେ ସୁରକ୍ଷିତ ମଣିବା ଖୁସିର ବିଷୟ ହୋଇଛି। ପୁର ସର୍ବସାଧାରଣ ବେଳାଭୂମିକୁ ଲାଗି ରହିଥିବା ଏହି ଦେୟଯୁକ୍ତ ବିଚ୍ ସନ୍ଧ୍ୟା ୮ଟା ପରେ ବନ୍ଦ ହୁଏ । ତେଣୁ ଶୂନଶାନ୍ ପରିବେଶ ଦେଖି କଇଁଛ ଅଣ୍ଡାଦାନ କରିଛି। ବିଚ୍ କର୍ମଚାରୀମାନେ ଏହାକୁ ସୁରକ୍ଷିତ ଭାବେ ଜଗି ରହିଥିଲେ । ରବିବାର ସକାଳେ ବନ କର୍ମଚାରୀଙ୍କୁ ଏହି ଅଣ୍ଡାଗୁଡ଼ିକୁ ହସ୍ତାନ୍ତର କରାଯାଇଛି ।

ପୁରୀ ବ୍ଲୁ ଫ୍ଲାଗ ବିଚରେ ପ୍ରଥମ ଥର ଅଲିଭ ରିଡ୍‌ଲେ କଇଁଛ ଅଣ୍ଡାଦାନ କରିବା ଘଟଣା ଏବେ ଚର୍ଚ୍ଚାର ବିଷୟ ହୋଇଛି । ପୁରୀ ବାଲୁଖଣ୍ଡ ଜଙ୍ଗଲକୁ ଲାଗି ରହିଥିବା ପୁରୀ ସହର ବେଳାଭୂମିରେ ଆଗରୁ ଅଲିଭ ରିଡ୍‌ଲେଙ୍କ ଅଣ୍ଡାଦାନ କରିବାର ନଜିର ରହିଛି । ପେଣ୍ଟକଟା ବେଳାଭୂମିରେ ଅତୀତରେ ଅଲିଭ ରିଡ୍‌ଲେ ଅଣ୍ଡାଦାନ କରୁଥିଲେ । ହେଲେ ଦ୍ରୁତ ସହରୀକରଣ ଯୋଗୁଁ ବେଳାଭୂମିରେ ହୋଟେଲ ଶିଳ୍ପ ସାଙ୍ଗକୁ ଅନ୍ୟାନ୍ୟ କଂକ୍ରିଟ ବିକାଶ କାମ ଏବଂ ଯାତ୍ରୀଙ୍କ କୋଳାହଳ ବଢ଼ିବା ଅଲିଭ ରିଡ୍‌ଲେଙ୍କ ଆଗମନ ବାଟକୁ ଅବରୋଧ କରିଛି । ଅଲିଭ ରିଡ୍‌ଲେ କଇଁଛଙ୍କ ସୁରକ୍ଷିତ ଅଣ୍ଡାଦାନ ପାଇଁ ପୁରୀ ସମୁଦ୍ରକୂଳର ଦେବୀ ମୁହାଣଠାରୁ ପୁରୀ ସହର ପର୍ଯ୍ୟନ୍ତ ମୋଟ ୧୩ଟି ହାଚେରୀ ବ୍ୟବସ୍ଥା କରାଯାଇଛି। କଇଁଛମାନଙ୍କ ଅଣ୍ଡା ସଂଗ୍ରହ ନିମନ୍ତେ କର୍ମଚାରୀ ମୁତୟନ କରାଯାଇଛି। ମାତ୍ର କଇଁଛଙ୍କ ନିର୍ଭୟତା ଓ ସୁରକ୍ଷା ନିମନ୍ତେ ପଦକ୍ଷେପ ଶୂନ । ପୁରୀ ସହରର ବ୍ଲୁଫ୍ଲାଗ୍ ବିଚ୍‌ରେ ଅଲିଭ ରିଡ୍‌ଲେ ପହଞ୍ଚି ଅଣ୍ଡାଦାନ କରିଥିବାରୁ ପ୍ରଶାସନ ଶୀଘ୍ର ସେମାନଙ୍କ ସୁରକ୍ଷା ବ୍ୟବସ୍ଥା କରିବା ଉଚିତ୍ ବୋଲି ପରିବେଶବିତ୍ ସରୋଜ ଜେନା କହିଛନ୍ତି। ପୁରୀ ବେଳାଭୂମିକୁ ଆବର୍ଜନାମୁକ୍ତ କରିବା, ବେଳାଭୂମିକୁ କଂକ୍ରିଟ ମୁକ୍ତ କରିବା, ବେଆଇନ ନିର୍ମାଣକୁ ହଟାଇବା ଓ ପୁରୀ ଉପକୂଳ ସମୁଦ୍ରରେ ବେଆଇନ ମାଛ ଧରା ବନ୍ଦ କରାଗଲେ ବହୁ ଅଲିଭ ରିଡ୍‌ଲେ ଏଠାକୁ ନିର୍ଭୟରେ ଆସି ଅଣ୍ଡାଦାନ କରିବେ ବୋଲି ସେ କହିଛନ୍ତି ।

# ବରିଷ୍ଠ ସାମ୍ବାଦିକ ଆଶୁତୋଷ ମିଶ୍ରଙ୍କ ପରଲୋକ

## ମୁଖ୍ୟମନ୍ତ୍ରୀ ଓ ବିରୋଧୀ ଦଳ ନେତାଙ୍କ ଶୋକ

**ଭୁବନେଶ୍ୱର, ୯/୦୩**
**ନ୍ୟୁଜ ବ୍ୟୁରୋ**



ହୃଦଘାତରେ ବରିଷ୍ଠ ସାମ୍ବାଦିକ ଆଶୁତୋଷ ମିଶ୍ରଙ୍କର ପରଲୋକ ଘଟିଛି। ଆଶୁତୋଷ ମିଶ୍ରଙ୍କ ଦେହାନ୍ତରେ ବହୁ ବିଶିଷ୍ଟ ବ୍ୟକ୍ତି ଶୋକବ୍ୟକ୍ତ କରିଛନ୍ତି। ବରିଷ୍ଠ ସାମ୍ବାଦିକ ଆଶୁତୋଷ ମିଶ୍ରଙ୍କ ବିୟୋଗରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଭୀର ଶୋକ ପ୍ରକାଶ କରିଛନ୍ତି। ଏକ୍ସରେ ଏକ ଶୋକବାର୍ତ୍ତାରେ ମୁଖ୍ୟମନ୍ତ୍ରୀ ଲେଖିଛନ୍ତି ବରିଷ୍ଠ ସାମ୍ବାଦିକ ଆଶୁତୋଷ ମିଶ୍ରଙ୍କ ଦେହାନ୍ତ ବିଷୟରେ ଜାଣି ମୁଁ ଅତ୍ୟନ୍ତ ଦୁଃଖିତ। ତାଙ୍କର ବିୟୋଗ ଓଡ଼ିଶାର ସାମ୍ବାଦିକତା ଜଗତ ପାଇଁ ଏକ ଅପୂରଣୀୟ କ୍ଷତି। ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଇବା ସହ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଦିବଙ୍ଗତ ଆତ୍ମାର ସଦ୍‌ଗତି କାମନା କରୁଛି।

ସେହିପରି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଶୋକ ପ୍ରକାଶ କରିଛନ୍ତି। ଓଡ଼ିଶାର ବରିଷ୍ଠ ସାମ୍ବାଦିକ ଆଶୁତୋଷ ମିଶ୍ରଙ୍କ ଦେହାନ୍ତରେ ସୋସିଆଲ ମିଡିଆ ଏକ୍ସରେ ନବୀନ କହିଛନ୍ତି ଯେ, ଓଡ଼ିଶାର ବରିଷ୍ଠ ସାମ୍ବାଦିକ ଆଶୁତୋଷ ମିଶ୍ରଙ୍କ ଦେହାନ୍ତ ବିଷୟରେ ଜାଣି ମୁଁ ଦୁଃଖିତ। ଦୀର୍ଘଦିନର ସାମ୍ବାଦିକତା ଜୀବନରେ ତାଙ୍କ କାର୍ଯ୍ୟ ସର୍ବଦା ସ୍ମରଣୀୟ ରହିବ। ତାଙ୍କ ଅମର ଆତ୍ମାର ସଦଗତି କାମନା କରିବା ସହ ଶୋକସନ୍ତପ୍ତ ପରିବାରବର୍ଗଙ୍କ ପ୍ରତି ମୋର ସମବେଦନା ଜଣାଉଛି।



ଅସୁରକ୍ଷିତ ବାଲୁଖଣ୍ଡ ଓ ଚିଲିକା ବନଖଣ୍ଡ ବଢୁଛି 'ତୃତୀୟ ବିଶ୍ୱଯୁଦ୍ଧ' ଭୟ

**ସଂଗ୍ରହ କରନ୍ତୁ ! ସଂଗ୍ରହ କରନ୍ତୁ !**

ସାପ୍ତାହିକ ସମ୍ବାଦ ପତ୍ରିକା 'ରବିବାସରୀୟ କଳିକା' ରାଜ୍ୟର ସମସ୍ତ ଅଞ୍ଚଳରେ ଉପଲବ୍ଧ। ଏହାକୁ ଭଲ ପାଉଥିବା ପାଠକ ପାଠିକାମାନଙ୍କୁ ଅନୁରୋଧ, ନିକଟସ୍ଥ ପୁସ୍ତକ ଭଣ୍ଡାରକୁ ଯାଇ ସଂଗ୍ରହ କରିନିଅନ୍ତୁ।

ସମ୍ପର୍କସ : ପ୍ଲଟ୍ ନଂ.-୪୬୪, ଶହୀଦନଗର, ଭୁବନେଶ୍ୱର-୭୫୧୦୦୭
ଜିଲ୍ଲା- ଖୋର୍ଦ୍ଧା, ଓଡ଼ିଶା, ଦୂରଭାଷ : (୦୬୭୪)୨୫୪୧୪୪୮, ୨୫୪୫୬୭୮
Email : utkaldeepika2016@gmail.com


# ବିଶ୍ୱରେ ୧ନଂ ହେବ ଓଡ଼ିଶା ପର୍ଯ୍ୟଟନ : ପର୍ଯ୍ୟଟନକୁ ସମୃଦ୍ଧ କରିବ 'କରିଡର ଯୋଜନା'

**ଭୁବନେଶ୍ୱର, ୦୯/୦୩**
**ନ୍ୟୁଜ ବ୍ୟୁରୋ**



ନୂଆ ସରକାରରେ ଓଡ଼ିଶା ପର୍ଯ୍ୟଟନର ନୂଆ ଟ୍ୟାଗ୍ ଲାଇନ୍ । 'ଥ୍ୟାଙ୍କ ଇଣ୍ଡିଆ, ଥ୍ୟାଙ୍କ ଓଡ଼ିଶା'। ସମୃଦ୍ଧ ଓଡ଼ିଶାର ପର୍ଯ୍ୟଟନକୁ ସମୃଦ୍ଧ କରିବାକୁ ପ୍ରସ୍ତୁତ ହୋଇଛି ରୋଡ୍ ମ୍ୟାପ୍ । ବଜେଟ୍‌ରେ ଅଧିକ ଅର୍ଥ ବ୍ୟୟ ବରାଦ କରାଯାଇଛି। କାର୍ଯ୍ୟକାରୀ ହୋଇଛି ସଂଶୋଧିତ ନୂଆ ପର୍ଯ୍ୟଟନ ନୀତି। ଏବେ ସମଗ୍ର ରାଜ୍ୟରେ ଦୌଡ଼ିବ ପର୍ଯ୍ୟଟନ ବିକାଶର ଗାଡ଼ି ।

ବିଶ୍ୱରେ ୧ନଂ ହେବ ଓଡ଼ିଶା ପର୍ଯ୍ୟଟନ । ଯୋଜନା ମୁତାବକ କାମ କରୁଛି ଓଡ଼ିଶା ପର୍ଯ୍ୟଟନ ବିଭାଗ । ପ୍ରତି ମାସରେ ମନ୍ତ୍ରୀଙ୍କ ସମୀକ୍ଷା ଏବଂ ଗନ୍ତବ୍ୟସ୍ଥଳରେ ସଚିବଙ୍କ ପ୍ରକଳ୍ପର ଅଗ୍ରଗତି ସମୀକ୍ଷା ନୂତନ ଆଶା ସଞ୍ଚାର କରିଛି । ଏବେ ସାରା ରାଜ୍ୟର ବିଭିନ୍ନ ପର୍ଯ୍ୟଟନସ୍ଥଳୀକୁ ଯୋଡ଼ିବାର ନୂଆ ସୂତ୍ରଧର 'କରିଡର୍ ଯୋଜନା'। ବିଭିନ୍ନ ଅଞ୍ଚଳର ପ୍ରସିଦ୍ଧ ପର୍ଯ୍ୟଟନସ୍ଥଳକୁ ନେଇ ଛୋଟ ଛୋଟ ସର୍କିଟ୍ ଏବଂ କରିଡର୍ କରାଯାଉଛି। ଯାହାଦ୍ୱାରା ସ୍ଥାନୀୟ ଅଞ୍ଚଳର ସାମଗ୍ରିକ ବିକାଶ ହେବ । ନିକଟରେ ଉପମୁଖ୍ୟମନ୍ତ୍ରୀ ତଥା ପର୍ଯ୍ୟଟନ ମନ୍ତ୍ରୀ ପ୍ରଭାତୀ ପରିଡ଼ା ଯେଉଁ ଯେଉଁ ସ୍ଥାନକୁ ଗସ୍ତ କରିଛନ୍ତି, ସେଠାରେ ସର୍କିଟ୍ ଏବଂ କରିଡର୍ କରିବା ନେଇ ଘୋଷଣା କରିଛନ୍ତି ।

୨୪ କୋଟିରେ ପ୍ରାଚୀ ନଦୀ କୂଳରେ ନିଆଳିରେ ସମସ୍ତ ପ୍ରାଚୀନ ଶୈବପୀଠର ସର୍ବାଙ୍ଗୀନ ବିକାଶ ଲାଗି ଫେବ୍ରୁୟାରୀ ୪ରେ ଅଷ୍ଟଶମ୍ଭୁ ପର୍ଯ୍ୟଟନ କ୍ଷେତ୍ର ଉନ୍ନତୀକରଣ ତଥା 'ଅଷ୍ଟଶମ୍ଭୁ ପର୍ଯ୍ୟଟନ କରିଡର' ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ । ଫେବ୍ରୁୟାରୀ ୧୧ରେ ବେରବୋଇ ଗାନ୍ଧୀ ପୀଠର ଉନ୍ନତୀକରଣ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରି ଶ୍ରୀମତୀ ପରିଡ଼ା କହିଥିଲେ, ଗାନ୍ଧୀଜୀଙ୍କ ସ୍ମୃତି ସହ ଜଡ଼ିତ ସ୍ଥାନ ଗୁଡ଼ିକର ପୁନରୁଦ୍ଧାର ଏବଂ ପର୍ଯ୍ୟଟନର ବିକାଶ କରାଯିବ । ଏହାସହ ୫ କୋଟି ୨୬ ଲକ୍ଷରୁ ଅଧିକ ଟଙ୍କା ବ୍ୟୟରେ ବେରବୋଇଠାରେ 'ଗାନ୍ଧୀ ସର୍କିଟ୍' ନିର୍ମାଣ ହେବ । ସେହିପରି ପଞ୍ଚଦଶ ଶତାବ୍ଦୀର ପ୍ରସିଦ୍ଧ ଓଡ଼ିଆ କବି ଏବଂ ପଞ୍ଚସଖାଙ୍କ ମଧ୍ୟରୁ ଅନ୍ୟତମ ଭକ୍ତ ତଥା 'ଲକ୍ଷ୍ମୀପୁରାଣ'ର ରଚୟିତା ବଳରାମ ଦାସଙ୍କ ପବିତ୍ର ସମାଧି ପୀଠର ସର୍ବାଙ୍ଗୀନ ବିକାଶ ହେବ । ୨୮ କୋଟି ବ୍ୟୟରେ ଗୋପ ବ୍ଲକ୍ ଅନ୍ତର୍ଗତ ବେଦପୁର ପଞ୍ଚାୟତର ବେଗୁନିଆ ଗ୍ରାମରେ ଅବସ୍ଥିତ ଏହି ପୀଠର ଉନ୍ନତୀକରଣ କରାଯିବ ।

ଫେବ୍ରୁୟାରୀ ୨୬ରେ ପ୍ରକଳ୍ପର ସମୀକ୍ଷା କରି ଏହାକୁ ମା' ଲକ୍ଷ୍ମୀପୁରାଣ କରିଡର୍ ନାଁରେ ନାମିତ କରାଯିବ ବୋଲି ଶ୍ରୀମତୀ ପରିଡ଼ା ଘୋଷଣା କରିଥିଲେ । ସେହିପରି ଚକାପାଦରେ ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ନାଁରେ ଏକ କରିଡର୍ ନିର୍ମାଣ କରାଯିବ ବୋଲି ଗତ ଫେବ୍ରୁୟାରୀ ୧୦ କନ୍ଧମାଳ ଗସ୍ତ ଅବସରରେ ଚକାପାଦ ଆଶ୍ରମ ପରିଦର୍ଶନ କରି ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା କହିଥିଲେ ।

ଫେବ୍ରୁୟାରୀ ୨୮ରେ ରାଜ୍ୟର ଅନୁଷ୍ଠିତ ବିକାଶ ମନ୍ଥନ ସମ୍ମିଳନୀରେ ବି ଏହା ଉପରେ ଆଲୋଚନା ହୋଇଥିଲା । ପର୍ଯ୍ୟଟନ ବିଭାଗର ନିର୍ଦ୍ଦେଶକ ଦୀପଙ୍କର ମହାପାତ୍ର କହିଛନ୍ତି, 'ଥ୍ୟାଙ୍କ ଇଣ୍ଡିଆ, ଥ୍ୟାଙ୍କ ଓଡ଼ିଶା'କୁ ଦୃଷ୍ଟିରେ ରଖି ଯେଉଁ ରୋଡମ୍ୟାପ୍ ପ୍ରସ୍ତୁତ ହୋଇଛି । ସେଥିରେ ୧୫ଟି ଇକୋ-କଲଚରାଲ୍ ହବ୍ ଏବଂ ପ୍ରମୁଖ 'ପୁରୀ-କୋଣାର୍କ ହେରିଟେଜ୍ କରିଡର'ର ବିକାଶ କରାଯାଉଛି । ବୌଦ୍ଧ ଐତିହ୍ୟକୁ ପ୍ରୋତ୍ସାହିତ କରିବା ସହିତ ଉଦୟଗିରି, ରତ୍ନଗିରି ଓ ଲଳିତଗିରିକୁ ପୁନରୁଦ୍ଧାର କରି ଓଡ଼ିଶାରେ 'ବୌଦ୍ଧ ସର୍କିଟ୍'କୁ ବିକଶିତ କରିବାକୁ ଲକ୍ଷ୍ୟ ରହିଛି । ଏତଦ୍ ବ୍ୟତୀତ ରାଜ୍ୟର ପ୍ରମୁଖ ୮ ଶକ୍ତିପୀଠକୁ ନେଇ 'ଶକ୍ତିପୀଠ କରିଡର' ପ୍ରତିଷ୍ଠା ହେବ ।

ଏହାଛଡ଼ା ଓଡ଼ିଶା ପର୍ଯ୍ୟଟନ (ସଂଶୋଧନ) ନୀତି ୨୦୨୬ରେ ହୋଟେଲ୍, ଇକୋ-ଟୁରିଜିମ୍, କଳା ଓ ଶିଳ୍ପ କମ୍ପ୍ଲେକ୍ସକୁ ପ୍ରୋତ୍ସାହନ ପ୍ରଦାନ କରାଯିବ । ଦୁଃସାହସିକ, କାରାଭାନ୍ ଟୁରିଜିମ୍ ଏବଂ ଗ୍ରାମୀଣ ହୋମ୍ ଷ୍ଟେକୁ ପ୍ରୋତ୍ସାହିତ କରାଯିବା ସହ ଦକ୍ଷତା ବିକାଶ ଓ ଗନ୍ତବ୍ୟ ସ୍ଥଳ ପରିଚାଳନା (ଡେଷ୍ଟିନେସନ୍ ମ୍ୟାନେଜମେଣ୍ଟ) ଉପରେ ଗୁରୁତ୍ୱ ଦିଆଯାଉଛି । ପର୍ଯ୍ୟଟନକୁ ନିଯୁକ୍ତି ଏବଂ ସ୍ଥାୟୀ ଅଭିବୃଦ୍ଧିର ଏକ ପ୍ରମୁଖ ମାଧ୍ୟମ ଭାବେ ବିକଶିତ କରିବା ପାଇଁ ଭିଜନ୍ ୨୦୨୯, ୨୦୩୬ ଏବଂ ୨୦୪୭କୁ ଲକ୍ଷ୍ୟରେ ରଖି କାମ ହେବ ।

ମାର୍ଚ୍ଚ ୧ରେ କୋଣାର୍କ ଇକୋ ରିଟ୍ରିଟ୍ରେ ପର୍ଯ୍ୟଟନ ଉନ୍ନୟନ ଅଧିକାରୀଙ୍କ ସମ୍ମିଳନୀ ଓ ସମୀକ୍ଷା ବୈଠକରେ ଉପମୁଖ୍ୟମନ୍ତ୍ରୀ ତଥା ପର୍ଯ୍ୟଟନ ମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଥିଲେ, ବିକଶିତ ଓଡ଼ିଶାର ଲକ୍ଷ୍ୟ ସାଧନରେ ପର୍ଯ୍ୟଟନ ପ୍ରମୁଖ ଭୂମିକା ତୁଲାଇବ। ନୂଆ ପର୍ଯ୍ୟଟନ ନୀତି ଆଧାରରେ ଏ ଲକ୍ଷ୍ୟ ହାସଲ ଦିଗରେ ଅଧିକାରୀମାନେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବେ । ଏଥିସହିତ ଲ୍ୟାଣ୍ଡ ବ୍ୟାଙ୍କ ଉପଯୋଗ ସହ ଇକୋ ରିଟ୍ରିଟ୍ ଓ ଅନ୍ୟାନ୍ୟ ପର୍ଯ୍ୟଟନକୁ ଗୁରୁତ୍ୱ ଦେବା ବାବଦରେ ଆଲୋଚନା କରିଥିଲେ। ସୂଚନାଯୋଗ୍ୟ, ଚଳିତ ବଜେଟରେ ପର୍ଯ୍ୟଟନକୁ ସମୃଦ୍ଧ ଲାଗି ୮୨୦ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି ।

## ଅଧିକାରୀଙ୍କ ବିରୋଧରେ ଶୃଙ୍ଖଳାଗତ ତଦନ୍ତ ପ୍ରକ୍ରିୟା ଶୀଘ୍ର ସାରିବାକୁ ନିର୍ଦ୍ଦେଶ

**ଭୁବନେଶ୍ୱର, ୯/୦୩**
**ନ୍ୟୁଜ ବ୍ୟୁରୋ**

ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ଓଏଏସ୍ (କନିଷ୍ଠ ବର୍ଗ) ଏବଂ ଓଆରଏସ୍ ଅଧିକାରୀମାନଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ବକେୟା ଥିବା ତଦନ୍ତ ରିପୋର୍ଟ ଗୁଡିକ ଶୀଘ୍ର ଦାଖଲ କରିବାକୁ ନିର୍ଦ୍ଦେଶ ଜାରି କରାଯାଇଛି। ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡ. ଅରବିନ୍ଦ ପାଢୀ ଏ ସଂକ୍ରାନ୍ତରେ ସମସ୍ତ ଅତିରିକ୍ତ ଜିଲ୍ଲା ମାଜିଷ୍ଟ୍ରେଟ୍, ପୁରୀ, ସମ୍ବଲପୁର, ସୁବର୍ଣ୍ଣପୁର, କନ୍ଧମାଳର ଜିଲ୍ଲା ପରିଷଦମାନଙ୍କର ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ, ଆରଡିସି, କଟକ ଏବଂ ଆରଡିସି, ସମ୍ବଲପୁରଙ୍କ ସଚିବଙ୍କୁ ଚିଠି ଲେଖିଛନ୍ତି ।

ପୂର୍ବରୁ ସରକାରଙ୍କ ନିର୍ଦ୍ଦେଶାନୁସାରେ ତଦନ୍ତକାରୀ ଅଧିକାରୀ ନିଯୁକ୍ତି ତାରିଖରୁ ୯୦ ଦିନ ମଧ୍ୟରେ ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। କିନ୍ତୁ ବକେୟା ଥିବା ମାମଲା ନିମନ୍ତେ ସମ୍ପୃକ୍ତ ଅଧିକାରୀଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ନେବାରେ ଅନାବଶ୍ୟକ ବିଳମ୍ବ ହେଉଛି। ଏହି ପରିପ୍ରେକ୍ଷୀରେ ସମସ୍ତ ବକେୟା ମାମଲାକୁ ପ୍ରାଥମିକତା ଆଧାରରେ ତଦନ୍ତ କରାଯାଇ ଏକ ମାସ ମଧ୍ୟରେ ଅର୍ଥାତ୍ ୩୧ ମାର୍ଚ୍ଚ ୨୦୨୬ ପୂର୍ବରୁ ତଦନ୍ତ ରିପୋର୍ଟ ଦାଖଲ କରିବାକୁ ରାଜସ୍ୱ ସଚିବ ଡ. ପାଢୀ ନିର୍ଦ୍ଦେଶ ଦେଇଛନ୍ତି ।